Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୨୧, ଭୁବନେଶ୍ୱର, ଏପ୍ରିଲ ୦୭- ୧୩, ୨୦୨୫, Vol: 2, Issue: 21, Bhubaneswar, April-07-13, 2025 Pages- 8

# ପୁରୀରେ ସ୍ୱାସ୍ଥ୍ୟସେବା'ର ବିକଳ ଚିତ୍ର

ପୁରୀ (ଭିଓଭି): ଭୂତ କୋଠିରେ ପରିଣତ ହେଲାଣି ତିନିମହଲା ବିଶିଷ୍ଟ କୋଠା। ଖତ ଖାଉଛି ୨୦ ଶଯ୍ୟା ବିଶିଷ୍ଟ ଆଇସିୟୁ ୱାର୍ଡ। ନଷ୍ଟ ହେଉଛି କୋଟି କୋଟି ଟଙ୍କା ମୂଲ୍ୟର ଅତ୍ୟାବଶ୍ୟକୀୟ ଆଇସିୟୁ ଯନ୍ତ୍ରପାତି। ଅକ୍ସିଜେନ୍ ପ୍ଲାଂଟ ଅଚଳ। ସେଠାରେ କାର୍ଯ୍ୟରତ ଡାକ୍ତର ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ଅନ୍ୟତ୍ର ବଦଳି କରି ଦିଆଯାଇଛି। ହେଲେ ଗୁରୁତର ସଙ୍କଟାପନ୍ନ ରୋଗୀଙ୍କୁ ଆଇସିୟୁରେ ରଖି ଚିକିତ୍ସା ପାଇଁ ବାହାରକୁ ରେଫର କରି ଦିଆଯାଉଛି। ସ୍ୱାସ୍ଥ୍ୟସେବାର ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି ଖୋଦ ପୁରୀ ସହରରେ ଥିବା ଯକ୍ଷ୍ମା ଏବଂ ସଂକ୍ରାମକ ରୋଗ ଚିକିତ୍ସାଳୟରେ।

ପର୍ଯ୍ୟଟନର ସହର ପୁରୀରେ ଦୈନନ୍ଦିନ ହଜାର ହଜାର ତୀର୍ଥଯାତ୍ରୀଙ୍କ ଠାରୁ ଆରମ୍ଭ କରି ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦା ସ୍ୱାସ୍ଥ୍ୟ ସେବା ପାଇଁ ପୁରୀ ସହରରେ ଥିବା ସରକାରୀ ଡାକ୍ତରଖାନା ଗୁଡ଼ିକ ଉପରେ ନିର୍ଭର କରିଥାନ୍ତି। ବିଶେଷ କରି ଗୁରୁତର ରୋଗୀ ମାନଙ୍କୁ ଆଇସିୟୁରେ ରଖି ଚିକିତ୍ସା କରିବାକୁ ହୋଇଥାଏ। ପୁରୀରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ୍ ଓ ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ପର ଠାରୁ ପୁରୀ ସହରର ସରକାରୀ ଡାକ୍ତରଖାନା ଗୁଡ଼ିକ ଉପରେ ରୋଗୀ ମାନଙ୍କର ଭରଷା ପୂର୍ବାପେକ୍ଷା ବହୁ ମାତ୍ରାରେ ବଢ଼ି ଯାଇଛି। ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ କରୋନା ସମୟରେ ପୁରୀ ରେଡକ୍ରସ ରୋଡରେ ଥିବା "ଯକ୍ଷ୍ମା ଏବଂ ସଂକ୍ରାମକ ରୋଗ ଚିକିତ୍ସାଳୟ" ପରିସରରେ ନୂତନ ତିନି ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇ ସେଠାରେ ଅତ୍ୟାଧୁନିକ ଯନ୍ତ୍ରପାତି ସହ ୨୦ ଶଯ୍ୟା ବିଶିଷ୍ଟ ଆଇସିୟୁ ୱାର୍ଡ ପ୍ରତିଷ୍ଠା କରାଯାଇ ଥିଲା ଏବଂ ଏକ ଅକ୍ସିଜେନ୍ ପ୍ଲାଂଟ ମଧ୍ୟ ପ୍ରତିଷ୍ଠା କରାଯାଇଥିଲା। ଯାହାକି, ଏବେ ଛଅ ମାସ ହେବ ବନ୍ଦ ହୋଇ ପଡ଼ିଛି। ଆଇସିୟୁରେ ଏବେ ତାଲା ଝୁଲୁଛି। ସେଠାରେ ଥିବା ଶଯ୍ୟା ଗୁଡ଼ିକ ମଧ୍ୟରୁ କେତେକକୁ ନେଇ ଅନ୍ୟ ୱାର୍ଡରେ ପକା ଗଲାଣି। ଆଇସିୟୁ ଭିତରେ ଥିବା କୋଟି କୋଟି ଟଙ୍କାର ଅତ୍ୟାଧୁନିକ ଯନ୍ତ୍ରପାତି ଖତ ଖାଉଛି। ଅକ୍ସିଜେନ୍ ପ୍ଲାଂଟ ଟି ଛଅ ମାସ ହେଲାଣି ଖରାପ ହୋଇ ପଡିଛି। ଏଣେ ଡାକ୍ତରଖାନାରେ ରୋଗୀଙ୍କୁ ସିଲିଣ୍ଡର ମାଧ୍ୟମରେ ଅକ୍ସିଜେନ୍ ଯୋଗାଣ କରାଯାଉଛି। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଛାତିରୋଗ ବିଭାଗଟି ଏବେ "ଯକ୍ଷ୍ମା ଏବଂ ସଂକ୍ରାମକ ରୋଗ ଚିକିତ୍ସାଳୟ" ରେ କାର୍ଯ୍ୟ କରୁଛି। ସେଠାରେ ଜଣେ ଛାତିରୋଗ ବିଶେଷଜ୍ଞ, ଦୁଇଜଣ ଡାକ୍ତର ଏବଂ ଚାରିଜଣ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଛନ୍ତି। କିନ୍ତୁ ଗୁରୁତର ରୋଗୀଙ୍କୁ ଆଇସିୟୁ ଆବଶ୍ୟକ ହେଲେ ବାହାରକୁ ରେଫର କରି ଦିଆ ଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ମାତ୍ର ଛଅଗୋଟି ଶଯ୍ୟା ବିଶିଷ୍ଟ ଏକ ଆଇସିୟୁ ୟୁନିଟ୍ କାର୍ଯ୍ୟ କରୁଛି। ଯାହା କି, ବର୍ଦ୍ଧିତ ରୋଗୀ ସଂଖ୍ୟା ଅନୁପାତରେ ସମୁଦ୍ରକୁ ସଂଖେ ଭଳି। ସେଠାରେ ମଧ୍ୟ ଗୁରୁତର ରୋଗୀ ମାନଙ୍କୁ ଆଇସିୟୁରେ ରଖି ଚିକିତ୍ସା ପାଇଁ ଶଯ୍ୟା ଅଭାବରୁ ବାହାରକୁ ରେଫର କରି ଦିଆ



ଯାଉଛି। ଫଳରେ ରୋଗୀ ମାନେ ବାଧ୍ୟ ହୋଇ ସହର ମଧ୍ୟରେ କିମ୍ବା ଭୁବନେଶ୍ୱର ଅବା କଟକରେ ଥିବା ପ୍ରାଇଭେଟ୍ ନର୍ସିଂହୋମକୁ ଯାଇ ଚିକିତ୍ସା କରିବାରେ ଅସୁବିଧା ଭୋଗୁଛନ୍ତି ଏବଂ ପ୍ରାଇଭେଟ୍ ନର୍ସିଂହୋମ ଗୁଡିକ ମାଲାମାଲ ହେଉଛନ୍ତି। ସତେ ଯେମିତି ଏହା ପଛରେ କିଛି ଷଡଯନ୍ତ୍ର କାମ କରୁଥିବା ପରି ମନେ ହେଉଛି।

ପୁରୀ "ଯକ୍ଷ୍ମା ଏବଂ ସଂକ୍ରାମକ ରୋଗ ଚିକିତ୍ସାଳୟ" ପରିସରରେ ପ୍ରତିଷ୍ଠା କରାଯାଇଥିବା ଅକ୍ସିଜେନ ପ୍ଲାଣ୍ଟଟି ପ୍ରତିଷ୍ଠା ହେବା ଦିନଠାରୁ ସେଥିରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଉଛି। ଗତ ରଥଯାତ୍ରା ସମୟରେ ତାହାକୁ ଯେନତେନ ପ୍ରକାରେ କାମଚଳା ମରାମତି କରାଯାଇଥିଲା। କିଛି ଦିନ କାର୍ଯ୍ୟକ୍ଷମ ହେଲା ପରେ ତାହା ପୁଣି ଅକାମି ହୋଇ ଯାଇଛି। ବାହାରୁ ଅକ୍ସିଜେନ କିଣାଯାଇ ସିଲିଣ୍ଡର ମାଧ୍ୟମରେ ରୋଗୀଙ୍କୁ ଦିଆଯାଉଛି। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାମାନ୍ୟ ଗୁରୁତର ଥିବା




- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ଅଭାବରୁ ଚିକିତ୍ସା ପାଇଁ ରୋଗୀ ଯାଉଛନ୍ତି ବାହାରକୁ
- ତାଲା ପଡିଛି ୨୦ଶଯ୍ୟା ବିଶିଷ୍ଟ ଆଇସିୟୁ ୱାର୍ଡ
- ଅକ୍ସିଜେନ୍ ପ୍ଲାଂଟ ଅଚଳ
- ମାତୃମଙ୍ଗଳ କେନ୍ଦ୍ରରେ ନାହିଁ ସର୍ଜରୀ ସୁବିଧା
- ଗ୍ରାମାଞ୍ଚଳରେ ରାତିରେ ସ୍ୱାସ୍ଥ୍ୟ ଗୁରୁତର ହେଲେ ନାହିଁ ଚିକିତ୍ସା ସୁବିଧା
- ଚିକିତ୍ସା ଆଳରେ ଟଙ୍କା ଲୁଟିବା ପାଇଁ ରୋଗୀଙ୍କୁ ପ୍ରାଇଭେଟ୍ ନର୍ସିଂହୋମକୁ ପଠା ଯାଉଛି

ରୋଗୀ ମାନଙ୍କୁ ଚିକିତ୍ସା କରିବା ପୂର୍ବରୁ କଟକ ନଚେତ୍ ଭୁବନେଶ୍ୱର ରେଫର କରି ଦିଆ ଯିବା ଏକ ସାଧାରଣ ଅଭ୍ୟାସରେ ପରିଣତ ହୋଇ ଗଲାଣି। ରୋଗୀ ଅବସ୍ଥା ଭଲ ନାହିଁ, ତାଙ୍କୁ ତୁରନ୍ତ କଟକ କିମ୍ବା ଭୁବନେଶ୍ୱର ନେଇ ଯାଆନ୍ତୁ ନଚେତ ପରେ ଆମକୁ କିଛି ଦୋଷ ଦେବେନି କହି ରେଫର କରି ଦିଆଯାଉଛି। ପ୍ରସୂତୀ, ହାଡଭଙ୍ଗା କିମ୍ବା ଇ.ଏନ.ଟି. ରୋଗୀ ମାନଙ୍କୁ ତୁମର ସର୍ଜରୀ ଆବଶ୍ୟକ ଅଛି କିନ୍ତୁ ଏଠି ଭଲ ସୁବିଧା ନାହିଁ ତୁମେ ବାହାରକୁ ଯାଇ ଚିକିତ୍ସା କରିବାକୁ ହେବଏପରି କହି ଭୟଭୀତ କରାଇ କୌଶଳ କ୍ରମେ ନିଜ ନିଜର ପ୍ରାଇଭେଟ୍ କ୍ଲିନିକ୍ ବା ନିଜେ କାମ କରୁଥିବା ପ୍ରାଇଭେଟ୍ ନର୍ସିଂହୋମ କୁ ନେଇ ସର୍ଜରୀ କରାଯାଉଛି। ପ୍ରସୂତୀ ଯନ୍ତ୍ରଣାରେ ଛଟପଟ ହେଉଥିବା ରୋଗୀଙ୍କୁ, ତୁମ ପେଟରେ ପିଲା ଠିକ୍ ଅବସ୍ଥାରେ ନାହିଁ ତୁରନ୍ତ ଅପରେସନ କରି ସନ୍ତାନ ଜନ୍ମ କରାଇବାକୁ ହେବ। ନହେଲେ ପିଲା କିମ୍ବା ମା' ର ଅସୁବିଧା ହେବ ବୋଲି କହି ଭୟଭୀତ କରାଇ ତୁରନ୍ତ ବାହାରେ ନେଇ ସର୍ଜରୀ କରାଇବାକୁ କହିବାର କିଛି ମିନିଟ୍ ପରେ ସେହି ଡାକ୍ତରଖାନା ରେ ନର୍ମାଲ ଡେଲିଭରି ହେବାର ବହୁତ ନଜିର ଅଛି।

ଗର୍ଭବତୀ ଏବଂ ପ୍ରସୂତୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ପୁରୀ ସହରରେ ଏକମାତ୍ର ଚିକିତ୍ସାଳୟ "କମଳା ଦେବୀ ମାତୃମଙ୍ଗଳ କେନ୍ଦ୍ରକୁ ପ୍ରତିଦିନ ବହୁ ମାତ୍ରାରେ ଗର୍ଭବତୀ ମାନେ ଚିକିତ୍ସା ପାଇଁ ଏବଂ ପ୍ରସବ ପାଇଁ ଅବା ପ୍ରସବ ପରବର୍ତି ଚିକିତ୍ସା ପାଇଁ ଆସି ଥାଆନ୍ତି। କିନ୍ତୁ ପରିତାପର ବିଷୟ ଏଠାରେ ସିଜରିଆନ କରି ସନ୍ତାନ ଜନ୍ମ କରାଇବାର କୌଣସି ସୁବିଧା ନାହିଁ। ଯଦି ନର୍ମାଲ ଡେଲିଭରି ହେଲା ତ ଭଲ। ନଚେତ୍ ପ୍ରସବ ସମୟରେ ଯଦି କିଛି ଅସୁବିଧା ହେଲା ତାହେଲେ ଈଶ୍ୱର ଭରସା ବୋଲି ଭାବିବାକୁ ହେବ। ଅଧା ପ୍ରସବରୁ ଅସୁବିଧା ହେଲେ ସେମିତି ସନ୍ତାନର ପାଦ କିମ୍ବା ମୁଣ୍ଡ ଅଧା ବାହାରି ଥିବା ଅବସ୍ଥାରେ ଆମ୍ବୁଲାନ୍ସ ସାହାଯ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସର୍ଜରୀ କରି ପ୍ରସବ କରାଇବା ନିମନ୍ତେ ସ୍ଥାନାନ୍ତର କରାଯିବାରର ବହୁତ ନଜିର ରହିଛି।

ପୁରୀ ଜିଲ୍ଲାରେ ମୋଟ ୧୬ ଟି ସି.ଏଚ୍.ସି. ଏବଂ ୪୪ ଟି ପି.ଏଚ୍.ସି. ମାଧ୍ୟମରେ ସହର ଏବଂ ଗ୍ରାମାଂଚଳରେ ଚିକିତ୍ସା ସେବା ଯୋଗାଇ ଦିଆ ଯାଉଛି। ପି.ଏଚ.ସି. ଗୁଡିକରେ ସନ୍ଧ୍ୟା ପରେ ଚିକିତ୍ସା ସେବା ଯୋଗାଇ ଦେବାର କୌଣସି ବନ୍ଦୋବସ୍ତ ନାହିଁ। ଯଦି ଉକ୍ତ ଅଂଚଳରେ ସନ୍ଧ୍ୟାପରେ କାହାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେଲା ତାହେଲେ ଗ୍ରାମାଂଚଳରେ ଥିବା କ୍ୱାକ୍ ଏବଂ ଔଷଧ ଦୋକାନୀ ହିଁ ଭରସା। ନହେଲେ ଆମ୍ବୁଲାନ୍ସ କିମ୍ବା ଗାଡି ବ୍ୟବସ୍ଥା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଆସିବା ବାଟରେ ଭଗବାନ ହିଁ ଭରସା। ସି.ଏଚ.ସି. ଗୁଡିକରେ ସନ୍ଧ୍ୟା ପରେ ଚିକିତ୍ସା ସେବା ଯୋଗାଇ ଦେବାର ବ୍ୟବସ୍ଥା ଅଛି। ମାତ୍ର ଅନେକ ସମୟରେ କେତେବେଳେ ଡାକ୍ତର ନଥାନ୍ତି ତ କେତେବେଳେ ସାଧାରଣ ଚିକିତ୍ସା କରିବା ବଦଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ରୋଗୀଙ୍କୁ ପଠାଇ ଦିଆଯାଏ। ଏପରିକି ଫ୍ରିଜ୍ ନାହିଁ ବୋଲି କହି ଦୁର୍ଘଟଣା ଗ୍ରସ୍ତ ରୋଗୀଙ୍କୁ ଟକ୍ୱାଇଡ ଇଞ୍ଜେକ୍ସନ ନ ଦେଇ ବାହାରୁ କିଣି ଆଣିବା ପାଇଁ କୁହାଯାଇଥିବାର ଦେଖିବାକୁ ମିଳିଛି। ସନ୍ଧ୍ୟା ପରେ ଏହି ଡାକ୍ତରଖାନାକୁ ଗଲେ ଔଷଧ ଲେଖା ନେଇ ବାହାରୁ ଔଷଧ କିଣିବାକୁ ପଡେ ନଚେତ୍ ପରଦିନ ନିରାମୟ କାଉଂଟର ଖୋଲିବା ଯାଏ ଅପେକ୍ଷା କରିବାକୁ ପଡେ। ପୁରୀକୁ ବିଶ୍ୱସ୍ତରୀୟ କରିବା ପାଇଁ ଏବଂ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିଶ୍ୱସ୍ତରୀୟ ଚିକିତ୍ସାଳୟରେ ପରିଣତ କରିବା ଉଦ୍ୟମରେ ସରକାର ଲାଗି ପଡିଥିବା ବେଳେ ପୁରୀରେ ସ୍ୱାସ୍ଥ୍ୟ ଚିକିସାର ଏହି ବିକଳ ଚିତ୍ର ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗର ବିଷୟ ହୋଇଛି।



# ଆଲବାଟ୍ରୋସ (Albatross)



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ଜୀବଜଗତ

ଆଲବାଟ୍ରୋସ ଏପରି ଏକ ସାମୁଦ୍ରିକ ପକ୍ଷୀ, ଯାହାକୁ ଉଡିବା ପାଇଁ ଅନନ୍ତ ଆକାଶ ଓ ଖାଦ୍ୟ ସଂଗ୍ରହ ପାଇଁ ଅଥଳ ସମୁଦ୍ର ନିଅଣ୍ଟ ପଡିଯାଏ। ସାରା ଦୁନିଆରେ ସବୁଠାରୁ ଲମ୍ବା ଡେଣାଥିବା ପକ୍ଷୀଟି, ମାତ୍ର ୪୬ ଦିନରୁ ୬୦ ଦିନ ମଧ୍ୟରେ ସମଗ୍ର ବିଶ୍ୱ ପରିକ୍ରମା କରିବାକୁ କ୍ଷମତା ରଖେ । ସମୁଦ୍ରର ଯାଯାବର କୁହାଯାଉଥିବା ଆଲବାଟ୍ରୋସ ପକ୍ଷୀ ,ବର୍ଷବର୍ଷ ଧରି





ଭୂଭାଗ ସ୍ପର୍ଶ କରିନଥାଏ । ଏପରିକି ଅନେକଦିନ ଧରି ଆକାଶରେ ଉଡ୍ଡୀୟମାନ ଅବସ୍ଥାରେ ଥାଏ । ଉଡୁଥିଲା ବେଳେ କିମ୍ବା ସମୁଦ୍ରରେ ଅବତରଣ କଲାବେଳେ ଏହା ଆଦୌ ଡେଣା ହଲାଇ ନଥାଏ । ଏହା ହିଁ ଏହି ପକ୍ଷୀଟିର ବିଶେଶତ୍ୱ । ସହଜାତ ଗ୍ଲାଇଡିଙ୍ଗ ଟେକନିକ ଜ୍ଞାନ-କୌଶଳ ଯୋଗୁଁ ଏହା ସମ୍ଭବ ହୋଇଥାଏ । ମାତ୍ର ୮ କିଲୋଗ୍ରାମ ଏହି ପକ୍ଷୀଟିର ବିଶାଳ ପକ୍ଷ ପ୍ରାୟ ୧୨ଫୁଟ ପର୍ଯ୍ୟନ୍ତ ଲମ୍ବିଥାଏ । ୧୨ କିଲୋମିଟର ଦୂରରୁ ଏମାନେ ନିଜର ଖାଦ୍ୟର ଉପସ୍ଥିତି ଠଉରାଇ ପାରନ୍ତି ।

ପକ୍ଷୀ ବିଶେଷଜ୍ଞମାନେ ଜାଣି ପାରିଛନ୍ତି ଯେ, ଦୂର ପ୍ରବାସ ଯାତ୍ରା କରୁଥିବା ସମସ୍ତ ସାମୁଦ୍ରିକ ପକ୍ଷୀ ଆକାଶରେ ଉଡୁଥିଲା ବେଳେ, ଥକା ମେଣ୍ଟାଇବା ପାଇଁ କିଛି ସମୟ ପାଇଁ ନିଦରେ ଶୋଇ ପଡନ୍ତି କିନ୍ତୁ ଏହା ସୀମିତ ସମୟ ଅବଧି ପାଇଁ । ଆଲବାଟ୍ରୋସ ପକ୍ଷୀ ସମସ୍ତଙ୍କ ଆଗରେ । ଏହା ଭୂ-ଭାଗ ସ୍ପର୍ଶ ନକରି, ସର୍ବାଧିକ ୪୯୭୦୦ କିଲୋମିଟର ଅତିକ୍ରମ କରିବା କ୍ଷମତା ରଖେ । ବିନା ରହଣୀରେ ଓ ପ୍ରତିକୂଳ ପାଗରେ ଏହି ପକ୍ଷୀଟି ୧୬୦୦୦ କିଲୋମିଟର ନିରନ୍ତର ଉଡିଥାଏ । ସାମୁଦ୍ରିକ ଝଡକୁ ଖୁବ ସହଜରେ ସାମନା କରି, ସମୁଦ୍ରର ଅଶାନ୍ତ ଢେଉରେ ଏହା ୧୦ ମିଟର ତଳ-ଉପର ହୋଇ ଭାସମାନ ଅବସ୍ଥାରେ ଥାଏ ।

ଅଥଳ ସମୁଦ୍ର ଭିତରେ ବୁଡ଼ି ଖାଦ୍ୟ ସଂଗ୍ରହ କରିବା ଏହି ପକ୍ଷୀର ବିଶେଶତ୍ୱ ତେବେ ଉଡାଣ ଭରିବା (Take off ) ପାଇଁ ଏହି ପକ୍ଷୀଟି ପାଇଁ ସମସ୍ୟା ହୋଇଥାଏ । ବଡ଼ବଡ଼ ବୋଇଂ ବିମାନ ପାଇଁ ଦୀର୍ଘ ରନଓ୍ୱେ ଆବଶ୍ୟକ କଲା ଭଳି ଆଲାବ୍ରାଟୋସ ପକ୍ଷୀକୁ ସମୁଦ୍ରରେ କିଛି ସମୟ ଦୌଡ଼ିବାକୁ ପଡେ । ଏହି ଅବସରରେ ସେ ତାର ତିନି-ଥାକିଆ ବିଶାଳ ପକ୍ଷକୁ ଖୋଲିବାକୁ ଚେଷ୍ଟା କରେ । ଡେଣାର ନିମ୍ନଭାଗରେ ଯଥେଷ୍ଟ ବାୟୁ ପ୍ରଭାବିତ ହେଲେ ପକ୍ଷୀଟି ଆକାଶକୁ ଉଠିଯାଏ। ଏଥିପାଇଁ ତାର ଅନେକ ଶାରୀରିକ ଶକ୍ତି କ୍ଷୟ ହୁଏ ତେବେ ଥରେ ଆକାଶକୁ ଉଠିଗଲେ ଆଉ କିଛି ସମସ୍ୟା ନଥାଏ । ଡେଣା ନହଲାଇ ଏହା ଆକାଶରେ ଉଡେ ଓ ଆବଶ୍ୟକ ହେଲେ ଗାଢ଼ ନିଦରେ ଶୋଇଯାଏ।

ଏହି ପକ୍ଷୀଟି ଶୋଇବା ଅବସ୍ଥାରେ ଶହ ଶହ ମାଇଲ ଉଡି ଯାତ୍ରା କରେ । ଉଡିବାର ଗତି ଆମ ରାଜଧାନୀ କିମ୍ବା ଶତାବ୍ଦୀ ରେଳଗାଡି ଠାରୁ ବି ଅଧିକ। ବିଭିନ୍ନ ପ୍ରଜାତିଭେଦରେ, ଆଲବ୍ରାଟୋସ ପକ୍ଷୀର ଡେଣାର ଲମ୍ୱ ୬ ଫୁଟରୁ ଆରମ୍ଭ କରି ୧୨ ଫୁଟ ପର୍ଯ୍ୟନ୍ତ ହୋଇଥାଏ । ଏମାନଙ୍କ ଜୀବନ କାଳ ସର୍ବାଧିକ ୭୦ ବର୍ଷ । ତେବେ ୬୦ ବର୍ଷ ପର୍ଯ୍ୟନ୍ତ ଏମାନଙ୍କର ପ୍ରଜନନ କ୍ଷମତା ଥାଏ ।

ଆଲବାଟ୍ରୋସ ପକ୍ଷୀ ଏକପତ୍ନୀକ । କେବକ ପ୍ରଣୟ-ମିଳନ ଓ ଶାବକକୁ ଉଡାଣକ୍ଷମ କରିବା ପାଇଁ ଏହି ପକ୍ଷୀ-ଯୋଡ଼ା ଭୂଭାଗକୁ ଆସନ୍ତି । ଦମ୍ପତି ମିଳିମିଶି ଅଣ୍ଡାର ଜନ୍ମ ନିଅନ୍ତି । ଶାବକ ଜନ୍ମ ହେବାକୁ ପ୍ରାୟ ୮୦ ଦିନ ସମୟ ଲାଗେ ଓ ଉଡିବାକ୍ଷମ ହେବାକୁ ପ୍ରାୟ ୨୮୦ ଦିନ ସମୟ ଲାଗିଯାଏ । ସର୍ବମୋଟ ୨୨ ପ୍ରଜାତିର ଆଲବ୍ରାଟୋସ ଦେଖାଯାନ୍ତି ଓ ଏମାନଙ୍କ ସ୍ୱଭାବ ସହଜାତ ଗୁଣ ଓ ଜୀବନଚର୍ଯ୍ୟା, ସେହି ଅନୁପାତରେ ଭିନ୍ନଭିନ୍ନ ହୋଇଥାଏ ।

ଏମାନେ ସାଧାରଣତଃ ଆଟ୍ରାଣ୍ଟିକା, ଅଷ୍ଟ୍ରେଲିଆ, ସାଉଥ ଆଫ୍ରିକା, ସାଉଥ ଆମେରିକା, ଜାପାନ, କାଲିଫର୍ଣିଆ ଓ ଆଲାସ୍କା ଅଞ୍ଚଳରେ ଦୃଶ୍ୟମାନ ହୁଅନ୍ତି। ବୈଜ୍ଞାନିକମାନେ ଜାଣି ପାରିଛନ୍ତି, ମାତ୍ର ୮ କିଲୋଗ୍ରାମ ଓଜନର ଏହି ପକ୍ଷୀଟି ମାତ୍ର ୪୬ ଦିନରେ ସମଗ୍ର ବିଶ୍ୱ ପ୍ରଦକ୍ଷିଣ କରିବା କ୍ଷମତା ରଖେ । ଏହା ବିଶେଷ ଆବଶ୍ୟକ ନହେଲେ ସେ ଡେଣା ହଲାଇ ନଥାଏ । ଏମାନେ ଖାଦ୍ୟ ଲୋଭରେ ଶହଶହ ମାଇଲ ସମୁଦ୍ରରେ ଜାହାଜକୁ ପିଛା କରୁଥିବା ଦେଖାଯାଏ ।

ଏହି ପକ୍ଷୀ ଉଡାଣ ଭରିବା ପୂର୍ବରୁ ତାର ଗନ୍ତବ୍ୟ ସ୍ଥଳ ଓ ନିର୍ଦ୍ଧିଷ୍ଟ ପଥ ନିର୍ଦ୍ଧାରିତ କରିଥାଏ । ଠିକ୍ ବ୍ୟୋମଯାନର ଅଟୋ ପାଇଲଟ ସିଷ୍ଟମ ଭଳି । ଏକ ନିର୍ଦ୍ଧିଷ୍ଟ ଉଚ୍ଚତାକୁ ଉଠିଗଲା ପରେ ସେ ଗଭୀର ନିଦରେ ଶୋଇଯାଏ। ଶୋଇଥିବା ଅବସ୍ଥାରେ ଉଡୁଥିଲେ ବି ତାର ଗତିପଥ ଆଦୌ ଭୁଲ ହୁଏ ନାହିଁ । ବାଟରେ ଝଡ଼ ବତାସ ଆସିଲେ ପକ୍ଷୀଟି ନିର୍ଦ୍ଧାରିତ ପଥରୁ ଦୂରେଇ ଯାଏ କିନ୍ତୁ ପବନର ପ୍ରଭାବ କମି ଗଲେ ସେ ପୁନର୍ବାର ତା ନିଜ ବାଟକୁ ଫେରିଆସେ । ସେତେବେଳେ ମଧ୍ୟ ସେ ଶୋଇବା ଅବସ୍ଥାରେ ଉଡୁଥାଏ । ଆଗରୁ ସ୍ଥିରୀକୃତ ହୋଇଥିବା ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲା ପରେ ତାର ନିଦ ଭାଙ୍ଗେ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

## ଯନ୍ତ୍ରଣା ଦୂର ପାଇଁ ନୀଳ ଚା ବ୍ୟବହାର କରିବା ଉଚିତ

**ଆ**ପଣ ମସାଲା ଟି, ଗ୍ରୀନ୍ ଏବଂ ବ୍ଲାକ୍ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ମାମଲାରେ ବ୍ଲୁଟି 'ମଧ୍ୟ ଆଗରେ ରହିଛି । ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ସହିତ ଯନ୍ତ୍ରଣା ଦୂର କରିବାର ଗୁଣ ରହିଥାଏ। ଏଥିପାଇଁ ଏହି ଚା' ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏହି ନୀଳ ଚା' ଅପରାଜିତା ଫୁଲରୁ ତିଆରି ହୋଇଥାଏ। ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଆପାରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଏ। ଏହି ଚା'



ପିଇବା ଦ୍ୱାରା ଓଜନ ହ୍ରାସ ହୋଇଥାଏ। ନୀଳ ଚ । ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ। ମଧୁମେହ ରୋଗୀଙ୍କ ପାଇଁ ସୁଗାର୍ ନିୟନ୍ତ୍ରଣ କରିବାରେ ଏହା ସହାୟକ ହୋଇଥାଏ। ବିଶେଷକରି ଟାଇପ୍ ୧ ଡାଇବେଟିସ୍‌ରେ ଏହା ଭଲ ପରିଣାମ ଦେଖାଏ। ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଚା'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ। ଏହି ଚା ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରିଥାଏ। କ୍ୟାନ୍ସର ରୋଗୀ ଏହି ଚା ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ। ମାଇଗ୍ରେନର ଯନ୍ତ୍ରଣା ହ୍ରାସ କରିବାରେ ନୀଳ ଚା ମଧ୍ୟ ବହୁତ ସାହାଯ୍ୟ କରିଥାଏ । ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିବା କମ୍ ହୋଇଥାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ହୋଇଥାଏ। ଯାହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ପ୍ରସ୍ତୁତ ପ୍ରଣାଳୀ :** ଫୁଟୁଥିବା ପାଣିରେ ଅପରାଜିତା ଫୁଲକୁ ପକାଇ ଏକ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ରଖନ୍ତୁ। ଏହାପରେ ତାକୁ ଛାଣି ଦିଅନ୍ତୁ। ଯଦି ଏଥିରେ ଆପଣ ସ୍ୱାଦ, ଆଣିବାକୁ ଚାହାଁନ୍ତି ତେବେ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ ।

# ଚେହେରାର ଚମକ ପାଇଁ ଚାଉଳ ପାଣିର ଉପକାରିତା

**ଚା**ଉଳ ବି ଆପଣଙ୍କ ମୁହଁର ସୌନ୍ଦର୍ଯ୍ୟକୁ ବଢାଇଦେବ । ଯେତେବେଳେ ବଜାରରେ ତ୍ୱଚାର ସୁନ୍ଦରତା ବଢାଇବା ପାଇଁ କୌଣସି ସାମଗ୍ରୀ ଆସୁନଥିଲା ଭାବିଲେ ସେତେବେଳେ ଲୋକେ କଣ ମୁହଁରେ ମାରୁଥିଲେ । ପୁରାତନ କାଳରେ ଚେହେରା ଏବଂ ଶରୀରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଘରୋଇ ଉପଚାର ବ୍ୟବହାର କରାଯାଉଥିଲା । ସେତେବେଳେ କୌଣସି ପ୍ରକାରର ବ୍ୟୁଟି ପ୍ରଡକ୍ଟ ବିକ୍ରି ହେଉନଥିଲା , କେବଳ ପ୍ରାକୃତିକ ଉତ୍ପାଦକୁ ଶରୀରରେ ଲଗାଇ ସୌନ୍ଦର୍ଯ୍ୟ ବଢ଼ାଯାଉଥିଲା । ବର୍ତ୍ତମାନ ସମୟରେ ତ୍ୱଚାର ଯତ୍ନ ନେବା ପାଇଁ ଅନେକ ପ୍ରକାରର ଟ୍ରିଟମେଣ୍ଟର ସାହାଯ୍ୟ ନିଆଯାଉଛି, ଏହା ଦ୍ୱାରା ତ୍ୱଚା ଉପରେ ଅନେକ କୁପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି ଏବଂ ଖର୍ଚ୍ଚ ମଧ୍ୟ ବହୁତ ହେଉଛି । କିନ୍ତୁ, ଆଜି ଆମେ ଆପଣଙ୍କୁ ଏପରି ଏକ ଘରୋଇ ଉପଚାର ବିଷୟରେ କହିବୁ, ଯେଉଁଥିରେ ବିନା ପଇସା ଖର୍ଚ୍ଚ କରି ଆପଣ ନିଜ ତ୍ୱଚାକୁ ସୁନ୍ଦର କରିପାରିବେ ।

ବ୍ୟୁଟି ଏକ୍ସପର୍ଟଙ୍କ କହିବାନୁସାରେ , ଚେହେରା ଏବଂ ଶରୀରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଚାଉଳର ବ୍ୟବହାର ପୁରୁଣା ସମୟରୁ ହୋଇଆସୁଛି । ବର୍ତ୍ତମାନ ସମୟରେ ମଧ୍ୟ ଏହା ଚେହେରାରେ ଚମକ ଆଣିବାର ଏକ ଉତ୍ତମ ଉପାୟ । ଚାଉଳକୁ ସିଝାଇବା ପରେ ଯେଉଁ ପାଣି ବଳିଥାଏ, ତାହା ତ୍ୱଚାକୁ ଭଲ ପୋଷଣ ଦେଇଥାଏ



ଏବଂ ତ୍ୱଚାକୁ ଚମକଦାର କରିଥାଏ ।ଚେହେରାରେ ଲଗାଇବା ପାଇଁ ସର୍ବପ୍ରଥମେ ୨ ରୁ ୩ ଚାମଚ ଚାଉଳକୁ ଏକ ଗ୍ଲାସ୍ ପାଣିରେ ରାତିସାରା କିମ୍ବା ୪ ରୁ ୫ ଘଣ୍ଟା ପାଇଁ ଭିଜାଇ ରଖନ୍ତୁ । ତା'ପରେ ଚାଉଳ ଏବଂ ପାଣିକୁ ଅଲଗା କରନ୍ତୁ । ସେହି ପାଣିକୁ ବ୍ୟବହାର କରନ୍ତୁ । ଏହାଛଡ଼ା ଚାଉଳ ସିଝାଇବା ପରେ ବଳିଥିବା ପାଣିକୁ ମଧ୍ୟ ବ୍ୟବହାର କରିପାରିବେ ।

ବ୍ୟୁଟି ଏକ୍ସପର୍ଟଙ୍କ କହିବାନୁସାରେ , ଚାଉଳ ପାଣିରେ ଭିଟାମିନ ବି , ସି ଏବଂ ଇ ରହିବା ସହିତ ପର୍ଯ୍ୟାପ୍ତ ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ରହିଥାଏ, ଯାହା କେବଳ ତ୍ୱଚାର ଛିଦ୍ରକୁ କମ୍ କରିନଥାଏ ବରଂ ତ୍ୱଚାକୁ ଫ୍ରେଶ୍ ରଖିବାରେ ମଧ ସହାୟକ ହୋଇଥାଏ । ଏହା ବ୍ୟତୀତ ଏଥିରେ ଥିବା ଭିଟାମିନ ବି କମ୍ପ୍ଲେକ୍ସ ତ୍ୱଚାର ରଙ୍ଗକୁ ଗୋରା କରିବାରେ ସହାୟକ ହୋଇଥାଏ । ଚାଉଳ ପାଣି ତ୍ୱଚାକୁ ହାଇଡ୍ରେଟେଡ୍ ରଖିଥାଏ ଏବଂ ଏହାର ଚିକ୍କଣ ରଖିବାର ଗୁଣ ତ୍ୱଚାକୁ କୋମଳ କରିଥାଏ । ଚାଉଳ ପାଣିରେ ଆଣ୍ଟିଇନଫ୍ଲାମେଟୋରୀ ଗୁଣ ମଧ୍ୟ ରହିଥାଏ ଯାହା ତ୍ୱଚାରେ ଲାଲିମା ଏବଂ ଜ୍ୱାଳାକୁ କମ୍ କରିବାରେ ସାହାଯ୍ୟ କରିଥାଏ । ଚାଉଳ ପାଣି ତ୍ୱଚାରୁ ମୃତ କୋଷିକାଗୁଡ଼ିକୁ





ହଟାଇବାରେ ମଧ ସହାୟକ ହୋଇଥାଏ, ଯେଉଁଥିପାଇଁ ତ୍ୱଚା ସଫା ଏବଂ ସତେଜ ଦେଖାଯାଏ । ଏହା ତ୍ୱଚାରୁ ମଇଳା ହଟାଇବାରେ ସାହାଯ୍ୟ କରିଥାଏ । ଏକ ତୁଲା ସାହାଯ୍ୟରେ ଚାଉଳ ପାଣି ନେଇ ଚେହେରାରେ ଧୀରେ ଧୀରେ ଲଗାନ୍ତୁ । କିଛି ସମୟ ପରେ ଚେହେରାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । କିଛି ଦିନ ପରେ ଚେହେରାରେ ଫରକ ଜାଣିପାରିବେ । ଚାଉଳ ପାଣିକୁ ଟୋନର୍ ରୂପେ ମଧ୍ୟ ବ୍ୟବହାର କରିବା ପାଇଁ ଏକ ସ୍ପ୍ରେ ବୋତଲରେ ଭରି ଫ୍ରିଜରେ ଷ୍ଟୋର୍ କରନ୍ତୁ । ଏହା ପରେ ସଫା ଚେହେରାରେ ସ୍ପ୍ରେ କରି ଟୋନର୍ ରୂପେ ବ୍ୟବହାର କରନ୍ତୁ । ଯଦି ଆପଣଙ୍କ ଚେହେରାରେ ବ୍ରଣ ହୋଇଛି, ତେବେ ଚାଉଳ ପାଣିକୁ ତୁଳାର ସାହାଯ୍ୟରେ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ । ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଆପଣ ବ୍ରଣରୁ ଆରାମ ପାଇବେ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଖୋର୍ଦ୍ଧାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେଲା

ଖୋର୍ଦ୍ଧା, (ଭିଓଭି) : ଖୋର୍ଦ୍ଧାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଗସ୍ତ କରି ୧୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଗୋଟିଏ ମୃଦୁ ପାନୀୟ ଜଳ ପ୍ରକଳ୍ପ ଉଦଘାଟନ କରିଛନ୍ତି । ଖୋର୍ଦ୍ଧା ନିକଟ ହଲଦୀପଦାଠାରେ ଆୟୋଜିତ ସଭାକୁ ମଧ୍ୟ ସମ୍ବୋଧିତ କରିଥିଲେ ମୁଖ୍ୟମନ୍ତ୍ରୀ। କାଳିବେତୀଠାରେ ଶ୍ରମିକ ଆବାସ ଗୃହ, ଜୁପିଟର୍ ଟାଟ୍ରାଭଗୋଙ୍କା ରେଲହୁଇଲ୍ ଫ୍ୟାକ୍ଟ୍ରି ଓ ଶାଲିମାର ଗ୍ଲାସ୍ ୱାର୍କ୍ସର ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଥିସହିତ ଅରାଙ୍ଗଠାରେ ଗୋଲଡ୍ଟେନ୍ ସିମସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍, ପୂଜା ଇଣ୍ଟରନ୍ୟାସନାଲ, ବି ଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ ଓ ରେନ୍‌ବୋ ଫାବ୍ରିକ୍



ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ନିୟୁ ଟେକ୍ସଟାଇଲ୍ ପାର୍କ ଶିଳାନ୍ୟାସ କରିଛନ୍ତି । ଗୌଡପୁଟରେ ପଲିମିରୋର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ଆଇ ଏଫ୍ ଜି ଏଲ୍ ରିଫ୍ରାକ୍ଟରିଜ୍ ଲିମିଟେଡ୍ ଏବଂ ଖଜୁରିଆ ଠାରେ ଭୁବନେଶ୍ୱରୀ ଫୁଟ୍ସ ଆଣ୍ଡ୍ ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍ ଶିଳାନ୍ୟାସ କାର୍ଯ୍ୟକ୍ରମ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଏବଂ ବିଭୂତି ଭୂଷଣ ବଳବନ୍ତରାୟ ଉପସ୍ଥିତ ଥିଲେ । ଖୋର୍ଦ୍ଧା ଅଞ୍ଚଳରେ ଦୁଇଟି ସ୍ଥାନରେ ମେକ ଇନ ଓଡିଶା ଓ ଉତ୍କର୍ଷ ଓଡିଶା କନକ୍ଲେଭ ହୋଇଥିଲା । ସେଥିରେ ଅନେକ ପୁଞ୍ଜି ନିବେଶକାରୀ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଆଜି ୧୩ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଗୋଟିଏ ପ୍ରକଳ୍ପର ଉଦଘାଟନ କରାଯାଇଛି । ଏ ଅଞ୍ଚଳରେ ୬ ହଜାର କୋଟି ଟଙ୍କାର ଇନଭେଷ୍ଟ କରାଯିବ । ଏଥିରେ ୩୦ ହଜାର ୫୦୦ ନିଯୁକ୍ତି ସୃଷ୍ଟି ହେବ । ଅର୍ଥନୈତିକ ଅଭିବୃଦ୍ଧି ସରକାରଙ୍କ ଗୋଟିଏ ପଲିସି । ଆଗାମୀ ଦିନରେ ଓଡ଼ିଶା ବିକାଶ କ୍ଷେତ୍ରରେ ଆଗକୁ ବଢିବ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ।

# ଚାଉଳ ସହ ମିଳିବ ଗହମ : କେନ୍ଦ୍ରର ମଞ୍ଜୁରୀ ମିଳିଲା

ଭୁବନେଶ୍ୱର, (ଭିଓଭି): କେବେ ସୁଦ୍ଧା ଗହମ ସହ ଚାଉଳ ଦିଆଯିବ ପ୍ରଶ୍ନରେ ବୁଧବାର ଗୃହରେ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ କହିଛନ୍ତି, ଚାଉଳ ସହ ଗହମ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ କେନ୍ଦ୍ରକୁ ଚିଠି ଲେଖିଥିଲୁ, ତାକୁ ମଞ୍ଜୁରୀ ବି ମିଳିଛି। ହେଲେ ପରିବହନ ସୁବିଧା ନ ଥିବାରୁ ଗହମ ଆସିପାରୁନି ବୋଲି ମନ୍ତ୍ରୀ କହିଛନ୍ତି ।ସେହିପରି ଧାନକିଣାକୁ ନେଇ ମନ୍ତ୍ରୀ କହିଛନ୍ତି, ଗତ ବର୍ଷ ଅପେକ୍ଷା



୨୬ ଲକ୍ଷ ମେଟ୍ରିକ ଧାନ ଅଧିକ କିଣାହୋଇଛି। ପ୍ରତ୍ୟେକ ବର୍ଷ ୧୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରଉଓ ନିଏ। ଏଥର ଅଧିକ ୨୦ ଲକ୍ଷ ମେଟ୍ରିକ ଟନ୍ ଧାନ ନେବାକୁ ରାଜି ହୋଇଛନ୍ତି ।ଚଳିତ ବର୍ଷ ମୋଟ ୪୬ ଲକ୍ଷ ମେଟ୍ରିକ ଟନ ଚାଉଳ ନେବ ରଉଓ। ତା'ପରେ ବି ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବଳକା ରହୁଛି। ୧୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ରଖିବାକୁ ଗୋଦାମ କରୁଛୁ। ବଳକା ଚାଉଳକୁ ମଧ୍ୟ ଫ୍ରି' ସେଲ କରିବାକୁ ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।ଗୁଜରାଟ ଏବଂ ଦିଲ୍ଲୀ ମଡେଲରେ ଓଡ଼ିଶାରେ ପୋଷଣ କେନ୍ଦ୍ର ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ପ୍ରତି ପଞ୍ଚାୟତରେ ଖୋଲିବ ପୋଷଣ କେନ୍ଦ୍ର ଖୋଲାଯିବ। ଆସନ୍ତା ୩ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହେବ। ସବ୍ ?ସିଡିରେ ଗହମ, ଡାଲି, ଚିନି, ଚାଉଳ ଆଦି ଲୋକଙ୍କୁ ମିଳିବ।

# କଂଗ୍ରେସ ତରଫରୁ ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନର ଡାକରା ଦେଲେ ଭକ୍ତ

ଭୁବନେଶ୍ୱର,(ଭିଓଭି) : ଓଡ଼ିଶାରେ ରାଜନୈତିକ ଉତ୍ତେଜନା ଦିନକୁ ଦିନ ବଢ଼ିଚାଲିଛି। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତଚରଣ ଦାସ ଏକ ଜୋରଦାର ଘୋଷଣା କରି ରାଜ୍ୟବ୍ୟାପୀ ଆନ୍ଦୋଳନର ସଙ୍କେତ ଦେଇଛନ୍ତି। ସମ୍ପ୍ରତି କଳାହାଣ୍ଡି ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ କଂଗ୍ରେସ କର୍ମୀମାନଙ୍କୁ ପୋଲିସ ଅଟକାଇବା ଘଟଣାକୁ ନେଇ ସେ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ଘଟଣାକୁ ନେଇ ଭକ୍ତ କହିଛନ୍ତି,ପୋଲିସ ବିଭାଗ ଏବଂ ଡିଜିପି ରାଜନୈତିକ କର୍ମୀ ଭଳି କାମ କରୁଛନ୍ତି। ଏହାକୁ ସେ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ପ୍ରେସମିଟ୍‌ରେ ଭକ୍ତ ପୁଣି ଆନ୍ଦୋଳନ ଡାକରା ଦେଇଛନ୍ତି। ସେ ଘୋଷଣା କରି କହିଛନ୍ତି, "ଆଗାମୀ ଦିନରେ ଆମେ ୧୦ ଗୁଣ ଶକ୍ତି ସହ ବିଧାନସଭା ଘେରାଉ କରିବୁ। ଆମେ ସାରା ଓଡ଼ିଶାକୁ ପାଦରେ ଚାଲି ଜନସାଧାରଣଙ୍କ ସହ ସଂଯୋଗ ସ୍ଥାପନ




କରିବୁ। ପୁଣି ରାଜ୍ୟବ୍ୟାପୀ ଆନ୍ଦୋଳନ ନେଇ ପିସିସି ସଭାପତି ଆହ୍ୱାନ ଦେଇଛନ୍ତି। ଏପ୍ରିଲ ୧୫ରେ ରାଜ୍ୟବ୍ୟାପୀ କଂଗ୍ରେସର ମଶାଲ ଶୋଭାଯାତ୍ରା ହେବ। ସମସ୍ତ ବ୍ଲକ ମୁଖ୍ୟାଳୟରେ ଶୋଭାଯାତ୍ରା କରିବ କଂଗ୍ରେସ। ସେହିପରି ଏପ୍ରିଲ ୨୧ରେ ଜିଲ୍ଲାପାଳ ଅଫିସ ଘେରାଉ କରିବ କଂଗ୍ରେସ। ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ ଶୋଭାଯାତ୍ରା କରିବ ବୋଲି ଭକ୍ତ କହିଛନ୍ତି। ଭକ୍ତଙ୍କ ଏହି ବୟାନ ରାଜ୍ୟ ରାଜନୀତିରେ ନୂଆ ବିବାଦ ସୃଷ୍ଟି କରିଛି ଏବଂ କଂଗ୍ରେସ ଦଳର ଆଗାମୀ ରଣନୀତି ଉପରେ ସମସ୍ତଙ୍କ ନଜର ରହିଛି। ପିସିସି ସଭାପତିଙ୍କ ଏହି ଘୋଷଣା ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ଗଠନ କରିବାର ଏକ ପ୍ରୟାସ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସରକାର ବିରୋଧୀ ସ୍ୱରକୁ ଦବାଇବାକୁ ଚେଷ୍ଟା କରୁଛନ୍ତି, ଯାହାକୁ କଂଗ୍ରେସ କର୍ମୀମାନେ ସହ୍ୟ କରିବେ ନାହିଁ। ଏହା ସହିତ ସେ ଜନସାଧାରଣଙ୍କୁ ଏକଜୁଟ ହୋଇ ଅନ୍ୟାୟ ବିରୋଧରେ ଲଢ଼ିବାକୁ ଆହ୍ୱାନ ଦେଇଛନ୍ତି।

# ୱାକଫ୍ ବିଲ୍ ସପକ୍ଷରେ ଭୋଟ ଦେଇ ଦଳୀୟ ଅଡୁଆରେ ସସ୍ମିତ ପାତ୍ର

ଭୁବନେଶ୍ୱର (ଭିଓଭି): ସଂସଦରେ ୱାକଫ୍ ବିଲ୍ ଗୃହୀତ ହେଲା ପରେ ବିଜୁ ଜନତା ଦଳ (ବିଜେଡି)ରେ କମ୍ପନ ସୃଷ୍ଟି ହୋଇଛି। ୱାକଫ୍ ବିଲ୍ ସପକ୍ଷରେ ଭୋଟ ଦେଇ ବିବାଦରେ ଥିବା ବିଜେଡିର ରାଜ୍ୟସଭା ସାଂସଦ ସସ୍ମିତ ପାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ହଁ ସସ୍ମିତ ପାତ୍ରଙ୍କ ବିରୋଧରେ ଶ୍ରୀ ସାମଲ କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି। ସେ ଏଥିପାଇଁ ବିଜେଡି ସୁପ୍ରିମୋ ନବୀନଙ୍କୁ ଚିଠି ଲେଖିଛନ୍ତି। ୱାକଫ ବିଲ୍ ପାରିତ ପାଇଁ ସଂସଦରେ ଭୋଟ୍ ପଡୁଥିବା ବେଳେ, ବିଜେଡି ସାଂସଦ ଏହାକୁ ସମର୍ଥନ କରିଥିବା ଜଣାପଡ଼ିଛି। ଏହାକୁ ନେଇ ଅନେକ ଚର୍ଚ୍ଚା ମଧ୍ୟ ହେଉଛି। ପ୍ରଫୁଲ୍ଲ କହିଛନ୍ତି ସଂଖ୍ୟାଲଘୁଙ୍କ ହିତ ପାଇଁ ସବୁବେଳେ ବିଜେଡି କାମ କରି ଆସୁଛି।



ହେଲେ ଯେଉଁ ବିଲ୍ ସଂଖ୍ୟା ଲଘୁଙ୍କ ହିତରେ ନୁହେଁ, ସେହି ବିଲ୍ ସପକ୍ଷରେ କିପରି ଭୋଟ୍ ଦେଲେ ସସ୍ମିତ୍। ଏହାସହ ଆହୁରି ମଧ୍ୟ କହିଲେ ସସ୍ମିତଙ୍କ ଆଭିମୁଖ୍ୟ ଦୁଃଖଦାୟକ ଓ ଦୁର୍ଭାଗ୍ୟଜନକ। ତାଙ୍କ ସୋସିଆଲ ମିଡିଆ ପୋଷ୍ଟକୁ ମଧ୍ୟ ନିନ୍ଦା କରିଛନ୍ତି ପ୍ରଫୁଲ୍ଲ। ତେବେ ୱାକଫ୍ ବିଲ୍ ଭୋଟିଂରେ ବିଜେଡି ଦୁଇ ଫାଳ ନେଇ ଦଳର ବରିଷ୍ଠ ନେତା ବଦ୍ରିନାରାୟଣ ପାତ୍ର କଡ଼ା ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ୱାକଫ୍ ପାଇଁ ଭୋଟ୍ ପୂର୍ବରୁ କିଛି ଖେଳ ହୋଇଛି। ଦଳରେ ନିଷ୍ପତ୍ତି ହେଲା ପରେ ଏଭଳି କାର୍ଯ୍ୟ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବିଜେଡି ସାଂସଦ ସସ୍ମିତ ପାତ୍ର ୱାକଫ୍ ବିଲ୍ ସପକ୍ଷରେ ଭୋଟ୍ ଦେଇଛନ୍ତି। ଜାତୀୟ ଗଣମାଧ୍ୟମ ସରବରାହ ସଂସ୍ଥା 'ଏଏନ୍‌ଆଇ'କୁ ପ୍ରତିକ୍ରିୟା ଦେଇ ସେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ସେ ବିଲକୁ ସମର୍ଥନ କରିଛନ୍ତି। ଅନ୍ୟପଟରେ ବିଜେଡି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ଅସନ୍ତୁଷ୍ଟ ହୋଇ ଭୋଟ ଦେଲିନି। ଦଳ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇ ମୁଁ କାଲି ଭୋଟ୍ ଦେଇ ନଥିଲି।

# ପ୍ରାଣୀଧନ ନୀରିକ୍ଷଣ କେନ୍ଦ୍ରଗୁଡିକର ଆଧୁନିକୀକରଣ ଚାଲିଛି: ମନ୍ତ୍ରୀ

ଭୁବନେଶ୍ୱର,(ଭିଓଭି): ରାଜ୍ୟରେ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରଗୁଡ଼ିକର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ସରକାର ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗତ ୩ ବର୍ଷରେ ୪୬ଟି ପ୍ରାଣୀଧନ ସହାୟକ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବୁଧବାର ବିଧାନସଭାରେ ସୂଚନା ପ୍ରଦାନ କରିଛନ୍ତି। କଟକ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ ପ୍ରଶ୍ନ କରିଥିଲେ ଯେ, ରାଜ୍ୟର ପ୍ରାଣୀଧନ ନୀରିକ୍ଷଣ କେନ୍ଦ୍ର ଗୁଡ଼ିକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ପୂର୍ବକ ସେଠାରେ ଉନ୍ନତମାନର ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି; ଏବଂ ଚୌଦ୍ୱାର କଟକ



ନିର୍ବାଚନ ମଣ୍ଡଳୀର ଆଗ୍ରାହାଟଠାରେ ଏକ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଖୋଲିବାକୁ ସରକାର ବ୍ୟବସ୍ଥା କରିବେ କି? ଏହାର ଉତ୍ତରରେ ମନ୍ତ୍ରୀ କହିଛନ୍ତି, କଟକର ଆଗ୍ରାହାଟରେ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ଖୋଲିବା ପାଇଁ ଧାର୍ଯ୍ୟ ମାନଦଣ୍ଡକୁ ଅନୁଧ୍ୟାନ କରି ପରବର୍ତ୍ତୀ ସମୟରେ ପଦକ୍ଷେପ ଗ୍ରହଣ କରାଯିବ।

## ସଂ ପା ଦ କୀ ୟ

# କୁଟା ଖଣ୍ଡିକ ଦୁଇଖଣ୍ଡ କରି ପକେଇ ଦିଅ

ନିକଟରେ ମହାକାଶଚାରୀ ସୁନୀତା ୱିଲିୟମସ୍ ଦୀର୍ଘ ନଅ ମାସ କାଳ ମହାକାଶରେ ବିତାଇ ସଫଳତାର ସହ ପୃଥିବୀ ପୃଷ୍ଠକୁ ଫେରିଆସିବା ପରେ ସେ ସେଠାରେ ଏତେଦିନ କେମିତି କଟାଇଲେ, କଣ ଖାଉଥିଲେ, ସ୍ନାନ, ଶୌଚ ଇତ୍ୟାଦି ସହ ଦୈନନ୍ଦିନ କର୍ମ ସବୁ କେମିତି କରୁଥିଲେ ତାହା ଜାଣିବା ନିମନ୍ତେ ସାଧାରଣ ଲୋକଙ୍କର ଉତ୍କଣ୍ଠା ବଢ଼ି ଯାଇଥିଲା। ଏହି ସବୁ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଗଣମାଧ୍ୟମରେ ପ୍ରକାଶିତ ଏକ ଖବର ଅନୁଯାୟୀ ସେ ଭାରତୀୟ ବଂଶୋଦ୍ଭବ ହୋଇଥିବା କାରଣରୁ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଗଭୀର ଭାବେ ବିଶ୍ୱାସ ରଖି ନିଜ ସାଥିରେ ପ୍ରଭୁ ଶ୍ରୀଗଣେଶଙ୍କର ଛବିଟିଏ ନେଇ ମହାକାଶକୁ ଯାତ୍ରା କରିଥିଲେ। ଏଥି ସହ ପ୍ରଭୁ ଶ୍ରୀଗଣେଶ କିଭଳି ଭାବରେ ମହାକାଶରେ ସଦା ସର୍ବଦା ତାଙ୍କ ସହ ପଥପ୍ରଦର୍ଶକ ଭାବେ ରହୁଥିଲେ ସେହି କଥା କହି ସେ ଭାରତୀୟ ଈଶ୍ୱରୀୟ ବିଶ୍ୱାସର ପ୍ରମାଣ ମଧ୍ୟ ଦେଇଥିଲେ। ସୁପ୍ରିମ୍ କୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଗୋପାଳବଲ୍ଲଭ ପଟ୍ଟନାୟକ ତାଙ୍କ ଆତ୍ମଜୀବନୀ ପୁସ୍ତକ 'ମନେ ଅଛି ଯେତିକି'ର ଉନ୍ମୋଚନ ଉତ୍ସବରେ କହିଥିଲେ ପ୍ରଭୁଙ୍କ ପୂଜାର୍ଚ୍ଚନା ଓ ଧର୍ମୀୟ ବିଶ୍ୱାସ ହିଁ ଆମକୁ ଭୁଲ୍ କାମ କିମ୍ବା ଭୁଲ୍ ନିଷ୍ପତି ନେବାପାଇଁ ପ୍ରତିବନ୍ଧକ ସାଜିଥାଏ। ବରିଷ୍ଠ ଚିକିତ୍ସକ ତଥା ପଦ୍ମ ପୁରସ୍କାରରେ ସମ୍ମାନିତ ଡାକ୍ତର ଅଶୋକ ମହାପାତ୍ର ଔଷଧ କମ୍ ସହ ନିଜ ଆରାଧ୍ୟ ଠାକୁର ଓ ଜଗନ୍ନାଥଙ୍କ ଉପରେ ଭକ୍ତି ଓ ଭରଷା ରଖିବା ନିମନ୍ତେ ସର୍ବଦା ପରାମର୍ଶ ଦେଇଥାନ୍ତି। ବରିଷ୍ଠ ହୃଦ୍ ରୋଗ ଚିକିତ୍ସକ ଡାକ୍ତର ପି.କେ ଦାଶ ମଧ୍ୟ ସମାନ ଢଙ୍ଗରେ ଠାକୁରଙ୍କ ଉପରେ ବିଶ୍ୱାସ ରଖିବାକୁ ପରାମର୍ଶ ଦେବା ସହିତ ନିଜେ ଆନନ୍ଦରେ ରହିବା ସହିତ ଅନ୍ୟକୁ ଆନନ୍ଦ ବାଣ୍ଟିବାକୁ କହିଥାନ୍ତି। ବିଜ୍ଞାନର ଦ୍ରୁତ ଅଭିବୃଦ୍ଧି ଯୋଗୁ ଏବେକାର ଯୁବ ପିଢ଼ିମାନେ ଧର୍ମୀୟ ପରମ୍ପରା ସବୁକୁ ଯଥା ଉପବାସ କରିବା, ଘରେ ହୋମ, ଯଜ୍ଞ, ପୂଜା ଅର୍ଚ୍ଚନା, ପାର୍ବଣ ପାଳନ, ଗୋବର ପାଣି ସିଞ୍ଚନ କରିବା ବିଧି ସବୁକୁ ବିଜ୍ଞାନ ସହିତ ଯୋଡ଼ି ଦେଇ ସାରିଛନ୍ତି। କିନ୍ତୁ ବିଜ୍ଞାନର ଯେତେ ଅଭିବୃଦ୍ଧି ଘଟିଥିଲେ ବି ଧର୍ମୀୟ ବିଶ୍ୱାସ ଓ ଈଶ୍ୱରୀୟ ସତ୍ତା ଆଜିବି ମାନବ ଜାତିକୁ କବଳିତ କରି ରଖିଛି।



ଉପରୋକ୍ତ ବିଷୟର ଚର୍ଚ୍ଚା ଓ ଆଲୋଚନା କରୁଥିବା ବେଳେ ମୋର ପିଲାଦିନର ଏକ ଘଟଣାର ଅନୁଭୂତି ମନେ ପଡ଼ି ଯାଉଛି। ଏକ ଚୋରି ଘଟଣାର ଅଭିଯୁକ୍ତଙ୍କ ବିରୁଦ୍ଧରେ ଦଣ୍ଡ ବିଧାନ ପାଇଁ ପାଞ୍ଚ ଖଣ୍ଡ ଗ୍ରାମର ମୁଖିଆ ମାନଙ୍କୁ ନେଇ ଆମ ଗ୍ରାମର ଚଣ୍ଡି ମିଶ୍ରଙ୍କ ଘର ପାଖ ମଣ୍ଡପ ଉପରେ ଏକ ଧର୍ମ ସଭା (ନ୍ୟାୟ-ନିଶାପ ସଭା) ବସିଥାଏ। ଆମ ଗାଁ ବୃନ୍ଦାବନପୁରର ମୁରବିମାନଙ୍କ ସହିତ ପାଖ ଲେଖନପୁର ଗ୍ରାମର ରାମ ପାତ୍ର, କଙ୍କିଆର ନରସିଂହ ଦାସ, ବିନୋଦପଡାର ଜଗନ୍ନାଥ ନାୟକଙ୍କ ଭଳି ମୁଖିଆମାନେ ନ୍ୟାୟ ଚର୍ଚ୍ଚା ଓ ନିଶାପ ସମ୍ବନ୍ଧୀୟ ଆଲୋଚନା କରୁଥାନ୍ତି। କିନ୍ତୁ ଅଭିଯୁକ୍ତ କୌଣସି ପ୍ରକାରେ ନିଜେ କରିଥିବା ଚୋରି କର୍ମକୁ ସ୍ୱୀକାର କରୁନଥାନ୍ତି। ନିଜେ ଅଭିଯୋଗକାରୀ ବଳିଷ୍ଠ ତଥ୍ୟ ପ୍ରମାଣ ସହିତ ଯୁକ୍ତି କରି ନିଜର ପକ୍ଷ ରଖୁଥିଲେ ମଧ୍ୟ ରାତି ୧ ୨ଟା ପର୍ଯ୍ୟନ୍ତ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର ନକରିବାରୁ ନ୍ୟାୟ ସଭା କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନଥାନ୍ତି। ଏହି ସମୟରେ ହଠାତ୍ ଲେଖନପୁର ଗ୍ରାମର ମୁରବି ରାମ ପାତ୍ର ଛିଡା ହୋଇ ବଡ ପାଟିରେ କହିଥିଲେ, ଏହା ହେଉଛି ଧର୍ମ ସଭା, ଯେଉଁଠି ଧର୍ମ ସଭା ବସିଥାଏ ସେଠାରେ ସକଳ ଦେବଦେବୀ ଆସି ଉପସ୍ଥିତ ରହିଥାନ୍ତି। ଏତିକି କହିବା ପରେ ନଡ଼ା ଛପର ମଣ୍ଡପ ଚାଳରୁ କୁଟା ଖଣ୍ଡିଏ ଭିଡ଼ି ଆଣି ଅଭିଯୁକ୍ତର ନାମ ଧରି ଡାକି କହିଲେ ତୁମେ ଚୋରି କରି ନାହଁ ତ ? ଠିକ୍ ଅଛି ଏହି ଧର୍ମସଭା ମଣ୍ଡପ ଚାଳର କୁଟା ଖଣ୍ଡିକୁ ଧର, ଆଉ ତାକୁ ମଝିରୁ ଦୁଇ ଖଣ୍ଡ କରି ଛିଡାଇ ଦେଇ କହି ଦିଅ ଯେ ମୁଁ ଚୋରି କରି ନାହିଁ। ଏତିକି କହି ତୁମେ ଚାଲି ଯାଅ। ଏହା କହି ଅଭିଯୁକ୍ତ ହାତକୁ କୁଟା ଖଣ୍ଡିକ ବଢାଇ, ନେବା ପାଇଁ ଆହ୍ୱାନ ଦେଇଥିଲେ। କିଛି ସମୟ ପାଇଁ କୋଳାହଳରେ ପରିପୂର୍ଣ୍ଣ ଥିବା ସଭା ସମ୍ପୂର୍ଣ୍ଣ ନୀରବ ପଡ଼ିଯାଇଥିଲା। ମୁଁ ଦୂରରୁ ଦେଖି ଭାବୁଥାଏ ଏ ଦୁର୍ଦ୍ଦାନ୍ତ ତଥା ଦୃଢ଼ମନା ଅଭିଯୁକ୍ତକୁ ଖସି ଯିବା ପାଇଁ ଗୋଟେ ଭଲ ମଉକା ମିଳିଗଲା। କାରଣ ସେ ଅକ୍ଲେଶରେ କୁଟା ଖଣ୍ଡିକ ଦୁଇ ଖଣ୍ଡ କରି ନିଜର ଦୋଷକୁ ସ୍ୱୀକାର ନକରି ଚାଲିଯିବ। ମୋ ଭଳି ଭାବନା ସେଠି ଉପସ୍ଥିତ ପ୍ରାୟ ସମସ୍ତଙ୍କ ମନ ଭିତରେ ନିଶ୍ଚିତ ଆସିଥିବ। କିନ୍ତୁ ଆମ ସମସ୍ତଙ୍କ ମନର ଭାବନା ବିପରୀତ, ଅଭିଯୁକ୍ତ ଆସି କୁଟା ଖଣ୍ଡକୁ ଦୁଇ ଖଣ୍ଡ କରିବା ଦୂରେ ଥାଉ, ତାର ବସିଥିବା ସ୍ଥାନରୁ ଉଠିଲା ନାହିଁ ଓ କାନ୍ଦି କାନ୍ଦି ନିଜର ଦୋଷ ସ୍ୱୀକାର କରିଥିଲା। ଯଦିଓ ସେ ଚାହିଁଥିଲେ କୁଟା ଖଣ୍ଡିକୁ ଦୁଇ ଖଣ୍ଡ କରି ଆରାମରେ ସେଠାରୁ ଯାଇପାରିଥାନ୍ତା। ଏହାହିଁ ଥିଲା ସେତେବେଳର ଧର୍ମ ଉପରେ ଲୋକଙ୍କର ବିଶ୍ୱାସ ଓ ଭୟ। ସମୟ ଯେତେ ଅତ୍ୟାଧୁନିକ ହେଉ କି ବିଜ୍ଞାନ ଯେତେ ଉନ୍ନତ ହେଉ, ଧର୍ମୀୟ ଭୟ ଓ ଈଶ୍ୱରୀୟ ବିଶ୍ୱାସ ମାନବ ସମାଜରୁ ଲୋପ ପାଇବ ନାହିଁ। ସେ ମହାକାଶକୁ ଯାଇଥିବା ସୁନୀତା ଉଇଲିୟମସ୍'ଙ୍କ ହୁଅନ୍ତୁ କି ଲେଖନପୁର ଗାଁ'ର ମୁରବି ରାମ ପାତ୍ର, କି ଅବା ଚୋରି ଅଭିଯୁକ୍ତ ଦୁର୍ଦ୍ଦାନ୍ତ ମୁଦାଲା, ସଭିଏଁ ଧର୍ମୀୟ ବିଶ୍ୱାସ ଓ ଭୟ ରଜ୍ଜୁରେ ବନ୍ଧା ହୋଇଥିବାର ପ୍ରମାଣ ଆମେ ପାଇସାରିଛେ। ପୁରୁଣାକାଳିଆ ଲୋକମାନେ କୁହନ୍ତି ବଢ଼ିପାଣିରେ ଭାସି ଯାଉଥିବା ବେଳେ ଅସହାୟକୁ କୁଟା ଖିଅଟେ ବଡ ଭରଷା ଦେବା ଭଳି ଆଜିକାର ବିଜ୍ଞାନ ଯୁଗରେ ଯୁବପିଢି'ମାନେ ନିଜ ଧର୍ମ ପ୍ରତି କୁଟାଖିଅ ଭଳି ଟିକିଏ ଭରଷା ରଖିଲେ ବି ସମାଜର ଅବଶ୍ୟ ଅନେକ ମଙ୍ଗଳ ହୁଅନ୍ତା।

ଜ୍ଞାନ ରଞ୍ଜନ ମିଶ୍ର

# ଶିକ୍ଷାନୀତିରେ ବାଲ୍ ବାଟିକା

ଶିକ୍ଷାର୍ଥୀ ମାନଙ୍କର ମାନସିକ, ଭୌତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ବିକାଶ ସହିତ ଆର୍ଥିକ ପ୍ରଗତି ମାଧ୍ୟମରେ ଏକ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ନିମନ୍ତେ ଦେବଭୂମି ଭାରତ ବର୍ଷରେ ପ୍ରାଚୀନ କାଳରୁ ଏକ ସୁଦୃଢ, ସୁଚିନ୍ତିତ, ସୁସଂଗଠିତ ଓ ସୁସଂଯତ ଶିକ୍ଷା ବ୍ୟବସ୍ଥା ପ୍ରଚଳିତ ହୋଇ ଆସୁଅଛି। ଶିକ୍ଷା ମାଧ୍ୟମରେ ଦେଶର ପ୍ରଗତିର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ବିଭିନ୍ନ ସମୟରେ ଯୁଗପଯୋଗୀ ଶିକ୍ଷା ବ୍ୟବସ୍ଥାମାନ ପ୍ରଣୟନ କରି ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଅଛି। ଅଧୁନା ଭାରତ ସରକାର ଶିକ୍ଷାକୁ ସର୍ବବ୍ୟାପୀ ଏବଂ ସର୍ବସ୍ପର୍ଶୀ କରି ଭାରତକୁ ଜ୍ଞାନର ମହାଶକ୍ତିରେ ପରିଣତ କରିବା ପାଇଁ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଣୟନ କରିଛନ୍ତି।

ଯେପରି ଆଜିର ଅଙ୍କୁର କାଲି ହୁଏ ବିଶାଳ ଦ୍ରୁମ ଠିକ୍ ସେହିପରି ଆଜିର ଅସହାୟ ଶିଶୁ ଆସନ୍ତା କାଲିର ଭାବୀ ମାନବ। ଜୀବନ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ଶିଶୁର ଜୀବନ ଭ୍ରୁଣ ସଂଚାର ଠାରୁ ଆରମ୍ଭ ହୋଇଥାଏ। ଭ୍ରୁଣ ସଂଚାର ଠାରୁ ଆରମ୍ଭ କରି ପରିପକ୍ୱ ପର୍ଯ୍ୟନ୍ତ ମାନବ ଜୀବନର ବୃଦ୍ଧି ଅବିରାମ ଗତିରେ ଚାଲୁଥାଏ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିକାଶର ଧାରା କେତେକ ପର୍ଯ୍ୟାୟ ମାଧ୍ୟମରେ ଗତିଶୀଳ। ଏତଦ୍ ବ୍ୟତୀତ ବିକାଶର କେତେକ ସମୟ ରହିଛି ଏବଂ ସେହି ନିର୍ଦ୍ଦିଷ୍ଟ ସମୟ ଗୁଡ଼ିକରେ ଶିଶୁଠାରେ ସ୍ୱତନ୍ତ୍ର ବ୍ୟବହାର ଓ ବୈଶିଷ୍ଟ୍ୟମାନ ପରିଲକ୍ଷିତ ହୁଏ ,ଯାହାକୁ ପର୍ଯ୍ୟାୟ ବୋଲି କୁହାଯାଏ। ମଣିଷର ଜୀବନ କାଳ ଭ୍ରୁଣାବସ୍ଥା ଭ୍ରୁଣ ସଂଚାର ଠାରୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ, ଶୈଶବାବସ୍ଥା(ଜନ୍ମ ଠାରୁ ୬ ବର୍ଷ), ବାଲ୍ୟାବସ୍ଥା (୭ରୁ ୧୨ ବର୍ଷ), କୈଶୋରବସ୍ଥା( ୧୩ ରୁ ୧୯ ବର୍ଷ) ଏବଂ ପ୍ରୌଢ଼ାବସ୍ଥା ଓ ବୃଦ୍ଧାବସ୍ଥା (୨୦ ବର୍ଷରୁ ମୃତ୍ୟୁ ପର୍ଯ୍ୟନ୍ତ) ଦେଇ ଗତି କରିଥାଏ। ଶିଶୁର ବିକାଶ, ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବନ ବ୍ୟାପୀ ଶିକ୍ଷା ନିମନ୍ତେ ଶିଶୁର ପ୍ରାରମ୍ଭିକ ଶୈଶବ ବର୍ଷ(ଜୀବନର ପ୍ରଥମ ୬ବର୍ଷ)ରେ ମଜଭୁତ ଭିତ୍ତିଭୂମି ନିର୍ମିତ ହୁଏ। ଜୀବନର ଅନ୍ୟ ପର୍ଯ୍ୟାୟ ଗୁଡ଼ିକ ଅପେକ୍ଷା ପ୍ରାରମ୍ଭିକ ଶୈଶବସ୍ଥାରେ ବିକାଶର ହାର ତୁଳନାତ୍ମକ ଭାବେ ଦ୍ରୁତ ହୋଇଥିବାରୁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକ ବେଶ୍ ଗୁରୁତ୍ୱ ବହନ କରିଥାଏ। ଏହି ପର୍ଯ୍ୟାୟରେ ଶିଶୁକୁ ଯଦି ଏକ ଉତ୍ସାହ ଜନକ ଓ ମନୋସାମାଜିକ ପରିବେଶ ନ ମିଳେ ତେବେ ମସ୍ତିଷ୍କର ସଂପୂର୍ଣ୍ଣ କ୍ଷମତା ବିକଶିତ ନହେବାର ଯଥେଷ୍ଟ ସମ୍ଭାବନା ଥାଏ। ତେଣୁ ପଛୁଆ ପୃଷ୍ଠଭୂମିରେ ବହୁ ସଂଖ୍ୟକ ପିଲା ବିପଦରେ ଥାନ୍ତି। ଏହାକୁ ଆଖି ଆଗରେ ରଖି ବିଦ୍ୟାଳୟରେ ପିଲାମାନେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଉତ୍ତମ ମାନର ପ୍ରାରମ୍ଭିକ ଶିଶୁ ଯତ୍ନ ଏବଂ ଶିକ୍ଷା ସୁବିଧା ଯୋଗାଇ ଦେବା ପାଇଁ ପ୍ରଥମଥର ଲାଗି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତି ୨୦୨୦ରେ ବାଲ୍ ବାଟିକା କାର୍ଯ୍ୟକ୍ରମକୁ ଲାଗୁ କରିଛନ୍ତି ସରକାର। ଏହାଦ୍ୱାରା ଯେ କେବଳ ପିଲାମାନଙ୍କର ବିଦ୍ୟାଳୟ ପ୍ରଦର୍ଶନ ଭଲ ହେବ ତାହା ନୁହେଁ ବରଂ ଜୀବନ ବ୍ୟାପୀ ଶିକ୍ଷା ଏବଂ ବିକାଶର ଉପରେ ମଧ୍ୟ ଅନୁକୂଳ ପ୍ରଭାବ ପଡିବ।

ଲୋକଙ୍କ ସରକାରରେ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସନ୍ତା ଶିକ୍ଷା ବର୍ଷର ଆରମ୍ଭରୁ ଅର୍ଥାତ୍ ୨୦୨୫ ମସିହା ଅପ୍ରେଲ ମାସ ୨ ତାରିଖରୁ ଓଡ଼ିଶା ସରକାରଙ୍କ ଅଧିନରେ ଥିବା ୪୫,୦୦୦ ପ୍ରାଥମିକ ବିଦ୍ୟାଳୟରେ ଏକ ଅତିରିକ୍ତ ଶ୍ରେଣୀ ଖୋଲାଯିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର। ଯାହାକୁ 'ଶିଶୁ ବାଟିକା' ବା 'ବାଲ୍ ବାଟିକା' ନାମରେ ନାମିତ କରାଯାଇଛି। ପ୍ରାକ୍ ବିଦ୍ୟାଳୟ ଶିକ୍ଷା ନିମନ୍ତେ ୩ ରୁ ୬ ବର୍ଷର ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏଥିନିମନ୍ତେ ଆସନ୍ତା ମାସ ୨ ତାରିଖରେ ସମସ୍ତ ବିଦ୍ୟାଳୟରେ 'ଖଡିଛୁଆଁ' ବା ପ୍ରବେଶ ଉତ୍ସବ ଅଭିଯାନ ପାଳନ କରାଯିବ। ଏଥିରେ ସ୍ଥାନୀୟ ଜନ ପ୍ରତିନିଧି,ସରକାରୀ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। 'ବାଲ୍ ବାଟିକା'ରେ ଯୋଗ ଦେଇଥିବା ପିଲାମାନଙ୍କର ଅଭିଭାବକ ମାନଙ୍କୁ ଏହି ଅଭିଯାନର ମହତ୍ତ୍ୱ ଉପରେ ସଚେତନତା କାର୍ଯ୍ୟକ୍ରମ ମାର୍ଚ୍ଚ ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ କରାଯିବ। ସ୍କୁଲ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରାଯିବା ସହ ଉଚିତ୍ ବୟସରେ ସେମାନଙ୍କର ନାମଲେଖା ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ନିଷ୍ପତି ନେଇଛନ୍ତି ରାଜ୍ୟ ସରକାର। ମସ୍ତିଷ୍କର ପାଖାପାଖି ୮୦ ପ୍ରତିଶତ ବିକାଶ ୬ ବର୍ଷ ପୂର୍ବରୁ ହୋଇଥାଏ ତେଣୁ ପ୍ରାକ୍

**ଶ୍ରୀବତ୍ସ ନାୟକ**

ଶୈଶବାବସ୍ଥାରେ ମସ୍ତିଷ୍କର ସୁସ୍ଥ ବିକାଶ ପାଇଁ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବା ପାଇଁ ଶିଶୁର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମସ୍ତିଷ୍କର ଉପଯୁକ୍ତ ଯତ୍ନ ନେବା ନିହାତି ଜରୁରୀ। ତେଣୁ ୩ ରୁ ୬ ବର୍ଷର ଶିଶୁମାନେ ଏହି 'ବାଲ୍ ବାଟିକା' ଶ୍ରେଣୀରେ ସକ୍ରିୟ ଅଂଶଗ୍ରହଣ କରିବେ। ଫଳରେ ସେମାନଙ୍କର ପ୍ରାକ୍ ବିଦ୍ୟାଳୟ ଭିତ୍ତିଭୂମି ସ୍ଥାପନ ହୋଇପାରିବ। ଏହି ଅଭିଯାନ ମାଧ୍ୟମରେ ଶିଶୁମାନଙ୍କୁ ମାଗଣା, ସୁରକ୍ଷିତ, ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶିକ୍ଷାଦାନ କରାଯିବାର ବ୍ୟବସ୍ଥା ରହିଛି। ବାଲ୍ ବାଟିକା ଶ୍ରେଣୀରେ ଶିଶୁ ମାନଙ୍କୁ ଜ୍ଞାନଗତ ଦକ୍ଷତା,ଶାରୀରିକ ଦକ୍ଷତା,କୌଶଳ ବିକାଶ,ଜ୍ଞାନାତ୍ମକ ବିକାଶ, ଭାଷା, ସୃଜନଶୀଳତା, ସୌନ୍ଦର୍ଯ୍ୟ ବୋଧ,ସାମାଜିକ ଓ ଭାବନାତ୍ମକ ଦକ୍ଷତା ବିକାଶ ନିମନ୍ତେ ଶିକ୍ଷା ଦାନ କରିବା ସହ ଶିଶୁର ଆଜୀବନ ଶିକ୍ଷଣ ପ୍ରବୃତ୍ତିକୁ ଆଗେଇ ନେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମସ୍ତିଷ୍କ ବିକାଶ ନିମନ୍ତେ କ୍ରୀଡା ମାଧ୍ୟମରେ ଶିକ୍ଷା ଦାନ କରିବା, ସଂଖ୍ୟା ଓ ପ୍ରତୀକ ସହ ଅକ୍ଷର ଚିହ୍ନିବା,ଶିଶୁର ଶିକ୍ଷଣ ଅଭିଜ୍ଞତାରେ ପିତାମାତାଙ୍କ ସକ୍ରିୟ ଅଂଶ ଗ୍ରହଣ କରି ବିଦ୍ୟାଳୟରେ ଶ୍ରେଣୀ ୧ ରେ ନାମଲେଖା ନିମନ୍ତେ ଶିଶୁକୁ ପୂର୍ଣ୍ଣାଙ୍ଗ ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ। ଏତଦବ୍ୟତୀତ ପୂର୍ବ ଶିକ୍ଷା ନୀତିର ୧୦+୨ ପ୍ରଣାଳୀ ଉଚ୍ଛେଦ କରି ନୂତନ ଶିକ୍ଷାନୀତି ରେ ୫( ପ୍ରାରମ୍ଭିକ),+୩ (ପ୍ରସ୍ତୁତି),+୩ (ମଧ୍ୟ),+୪ (ମାଧ୍ୟମିକ) ପ୍ରଣାଳୀକୁ ରୂପାନ୍ତରିତ କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି ସରକାର। ନୂତନ ଶିକ୍ଷା ନୀତିରେ ବାଲ ବାଟିକା ଅଭିଯାନ ନିଶ୍ଚିତ ଭାବେ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କିନ୍ତୁ ସାଧାରଣରେ ଦେଖିବା ପାଇଁ ଗଲେ ତୃଣମୂଳ ସ୍ତରରେ ଏହାର ସଫଳ ରୂପାୟନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଧୁନା ସମସ୍ୟା ଘେରରେ ରହିଛି ଓଡ଼ିଶା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା। ଶିକ୍ଷକମାନଙ୍କ ବିନା ଶିକ୍ଷା ସମ୍ଭବ ନୁହେଁ। ବର୍ତ୍ତମାନ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଶିକ୍ଷକ ନାହାନ୍ତି। ଅନେକ ବିଦ୍ୟାଳୟରେ ଜଣେ ଶିକ୍ଷକ ଅଛନ୍ତି।

ବ୍ରାହ୍ମଣଝରିଲୋ **ମହାବିଦ୍ୟାଳୟ, କଟକ**

## ଏକାଦଶୀ ଉପବାସ ମାହାତ୍ମ୍ୟ : ୨୩

# ରମା ଏକାଦଶୀ

ଧର୍ମରାଜ ଯୁଧିଷ୍ଠିର ପ୍ରଭୁ ଶ୍ରୀକୃଷ୍ଣଙ୍କୁ କାର୍ତ୍ତିକ ମାସ କୃଷ୍ଣ ପକ୍ଷ ଏକାଦଶୀ ବିଷୟରେ ପଚାରିଲେ। ପ୍ରଭୁ ଶ୍ରୀକୃଷ୍ଣ ଏହି ଏକାଦଶୀ ନାମ ରମା ଏକାଦଶୀ ବୋଲି କହିଲେ। ରମା ଅର୍ଥ ପରମ ଉତ୍ତମ। ଏହି ଏକାଦଶୀ ବ୍ରତ ପାଳନ କଲେ ଉତ୍ତମ ଫଳ ପ୍ରାପ୍ତ ହୁଏ। ରମା ଏକାଦଶୀ କାର୍ତ୍ତିକ ମାସ କୃଷ୍ଣ ପକ୍ଷ ତିଥିରେ ପାଳନ ହୋଇଥାଏ। ପୁରାକାଳରେ ମୁଚୁକୁନ୍ଦ ନାମରେ ଜଣେ ବିଷ୍ଣୁ ଭକ୍ତ ରାଜା ଥିଲେ। ତାଙ୍କର ଚନ୍ଦ୍ରଭାଗା ନାମ୍ନୀ କନ୍ୟାକୁ ଶୋଭନ ନାମକ ରାଜକୁମାର ବିବାହ କରିଥିଲେ। ଏକଦା ରମା ଏକାଦଶୀ ଦିନ ଶୋଭନ ଶଶୁରାଳୟରେ ଥିବା ସମୟରେ ରାଜା ମୁଚୁକୁନ୍ଦ ସମଗ୍ର ରାଜ୍ୟବାସୀଙ୍କୁ ବ୍ରତ ପାଳନ କରିବାକୁ ନିର୍ଦ୍ଦେଶ ଦେଲେ। ଏବଂ ରାଜ୍ୟବାସୀଙ୍କ ସହ ସମସ୍ତ ଗୃହପାଳିତ ପଶୁ ମଧ୍ୟ ଅନ୍ନ ତ୍ୟାଗ କରି ବ୍ରତ ପାଳନ କଲେ। ରାଜକୁମାର ଶୋଭନ ଶକ୍ତିହୀନ ଥିଲେ ମଧ୍ୟ ବାଧ୍ୟ ହୋଇ ଅନ୍ନ ତ୍ୟାଗ କରି ବ୍ରତ ପାଳନ କଲେ। ରାତ୍ରୀ ଜାଗରଣ କରି ବିଷ୍ଣୁ ଆରାଧନା କଲେ। ନିରାହାର ଆଉ ଅନିଦ୍ରା ହୋଇ ରହିବା ଫଳରେ ଶୋଭନ ପ୍ରାତଃକାଳରେ ପ୍ରାଣତ୍ୟାଗ କଲେ ଏବଂ ବ୍ରତ ସମ୍ପୂର୍ଣ୍ଣ କରିଥିବାରୁ ଦିବ୍ୟ ଶରୀର ଧାରଣ କରି ଇନ୍ଦ୍ରାଚଳ ପର୍ବତ ଉପରେ ଏକ ରତ୍ନ ଜଡ଼ିତ ନଗର ପ୍ରାପ୍ତ କଲେ। ଏକଦା ମୁଚୁକୁନ୍ଦ ତୀର୍ଥବାସରେ ଥିବା ସମୟରେ ନଗରୀର ଜଣେ ବ୍ରାହ୍ମଣ, ଶୋଭନଙ୍କୁ ସେହି ସୁନ୍ଦର ନଗରୀରେ ଦେଖିଲେ ଏବଂ ଚିହ୍ନି ପାରିଲେ। ରାଜା ଶୋଭନ ତାଙ୍କୁ ନିଜ ନଗରୀର ସ୍ଥିରତା କେବଳ ନିଜ ପତ୍ନୀ ଚନ୍ଦ୍ରଭାଗାଙ୍କ ଦ୍ୱାରା ସମ୍ଭବ ବୋଲି ଜଣାଇଲେ। ସେହି ବ୍ରାହ୍ମଣ

**ସିଦ୍ଧାର୍ଥ ମହାପାତ୍ର**

ଏହା ଜାଣି ରାଜକୁମାରୀ ଚନ୍ଦ୍ରଭାଗାଙ୍କୁ ଋଷି ବାମଦେବ ଆଶ୍ରମକୁ ନେଲେ। ଋଷି ବାମଦେବ ରାଜକୁମାରୀ ଚନ୍ଦ୍ରଭାଗାଙ୍କୁ ନିଜ ପୁଣ୍ୟ ବଳ ଏବଂ ମନ୍ତ୍ର ଦ୍ୱାରା ଦିବ୍ୟ ଦେହ ପ୍ରଦାନ କଲେ ଏବଂ ତାଙ୍କୁ ରାଜା ଶୋଭନଙ୍କ ପାଖକୁ ପଠାଇଲେ। ଶୋଭନ ଏବଂ ଚନ୍ଦ୍ରଭାଗା ଏହା ପରେ ଅନନ୍ତ କାଳ ପର୍ଯ୍ୟନ୍ତ ସେହି ନଗରୀରେ ରହି ସ୍ୱର୍ଗଲୋକର ଆନନ୍ଦ ପ୍ରାପ୍ତ କଲେ। ଏହି ଏକାଦଶୀ ବ୍ରତ କଥା ପଠନ ଏବଂ ଶ୍ରବଣରେ ବିଷ୍ଣୁ ଲୋକ ପ୍ରାପ୍ତି ହୁଏ। ରମା ଏକାଦଶୀ ଦିନ ଭଗବାନଙ୍କୁ କଦଳୀ ପ୍ରସାଦ ଅର୍ପଣ କରିବା ବିଧେୟ।

*ହରିଦ୍ୱାର, ଉତ୍ତରାଖଣ୍ଡ*
*ମୋ : ୯୩୩୮୫୭୦୯୯୩*

# ସେକେଣ୍ଡାରୀ ବୋର୍ଡ ହାଇ ସ୍କୁଲ୍ ପୁରାତନ ଛାତ୍ର ସଂସଦ ତରଫରୁ ରକ୍ତଦାନ ଶିବିର



କଟକ (ଭିଓଭି): ଉତ୍କଳ ଦିବସ ଉପଲକ୍ଷେ ସେକେଣ୍ଡାରୀ ବୋର୍ଡ ହାଇ ସ୍କୁଲ୍ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ରକ୍ତଦାନ ଶିବିର ସ୍କୁଲ ପରିସରରେ ଆୟୋଜିତ ହେଇଯାଇଛି। ଖରାଦିନେ ରକ୍ତର ଅଭାବକୁ ଦୂର କରିବାକୁ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ ହୋଇଥାଏ। ଆଜିର ଏହି ରକ୍ତଦାନ ଶିବିରରେ ରକ୍ତଦାନ କରିବାକୁ ପୁରାତନ ଛାତ୍ର, ଛାତ୍ରୀ, ସେମାନଙ୍କର ସମ୍ପର୍କୀୟ ଓ ଆଗ୍ରହୀ ବ୍ୟକ୍ତିବିଶେଷମାନେ ସାମିଲ ହୋଇଥିଲେ। ଏହି ଶିବିରରେ ମୋଟ ୧୦୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୂର୍ବାହ୍ନରେ ପୁରାତନ ଛାତ୍ରୀ ବିଜୟଲକ୍ଷ୍ମୀ ଦାସଙ୍କ ନେତୃତ୍ୱରେ ବନ୍ଦେ ଉତ୍କଳ ଜନନୀ ଗାନ ପରେ ରକ୍ତଦାନ ଶିବିର ଆରମ୍ଭ ହୋଇଥିଲା। ଶିବିରକୁ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ତଥା ବରିଷ୍ଠ ପ୍ରଶାସକ ଶ୍ରୀକାନ୍ତ ତରାଇ ଉଦ୍ଘାଟନ କରିବା ସହିତ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଡଃ ସଂକର୍ଷଣ ମିଶ୍ର, ବର୍ତ୍ତମାନର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ, ଉପଦେଷ୍ଟା ରାଜ କିଶୋର ଦାସ ଓ ପ୍ରଭା ପଟ୍ଟନାୟକ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ। ଆଜିର ଏହି ରକ୍ତଦାନ ଶିବିରରେ ଛାତ୍ର ସଂସଦର ସଭାପତି ନିଶିକାନ୍ତ ମିଶ୍ର, ସମ୍ପାଦକ ସୁବ୍ରତ ମହାନ୍ତି, ଉପ ସଭାପତି ଡାକ୍ତର ଅମିୟ ରଂଜନ ମହାପାତ୍ର, ଡାକ୍ତର ସରୋଜ କୁମାର ତ୍ରିପାଠୀ, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ଶତପଥୀ, ରଶ୍ମି ରଂଜନ ସ୍ୱାଇଁ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ରାଉତ, ପୁଣ୍ୟଶ୍ଳୋକ ଦାଶ, ରଂଜିତାଭ ମହାନ୍ତି, ଶ୍ରଦ୍ଧାଞ୍ଜଳି ପଣ୍ଡା, ଇଂ ବିକାଶ ଚନ୍ଦ୍ର ବେହେରା, ନିଂରଜନ ସାହୁ, ରାନୁ ଦାସ, ଦେବଦୀପ୍ତା ସ୍ୱାଇଁ, ସନ୍ଦୀପ ମହାପାତ୍ର, ଅରୁଣ ବେହେରା, କିର୍ତ୍ତୀକାନ୍ତ ସ୍ୱାଇଁ, ସରୋଜ କୁମାର ଜେନା, ମନୋଜ ସାହୁ, କାମାକ୍ଷା ପ୍ରସାଦ ମିଶ୍ର, ରବି ନାରାୟଣ ଶତପଥୀ, ମନୋଜ କୁମାର ଶତପଥୀ, ରଶ୍ମିଧର ଦାସ, ସମୀର ପରିଜା, ପ୍ରଦୀପ୍ତ ଖୁଣ୍ଟିଆ, ସତ୍ୟବ୍ରତ ମହାପାତ୍ର, ସୁଭାଶିଷ ମହାପାତ୍ର, ମମତା ମହାନ୍ତି, କାଜଲ ମହାପାତ୍ର, କଲ୍ୟାଣ କୁମାର ଶତପଥୀ, ହରି ଚନ୍ଦନ ନାୟକ, ସୌଭାଗ୍ୟ ରଂଜନ ଖୁଣ୍ଟିଆ, ସଂଜୀବ କୁମାର ଜେନା, ସଂଜୟ ସିଂହ, ପ୍ରବାଶ ସ୍ୱାଇଁ, ରଶ୍ମିଲତା ସାହୁ, ଶ୍ରାବଣୀ ଦାସ, ଏସ.ରାଜେଶ, ସୂର୍ଯ୍ୟ ପ୍ରକାଶ ଆଚାର୍ଯ୍ୟ,ରାଜେଶ ରାଉତରାୟ, ରାକେଶ ଦାସ, ଦୀପକ ସାହୁ, ଜ୍ୟୋତିରଂଜନ ଦାସ, ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପୁରାତନ ଛାତ୍ର ଡାକ୍ତର ଅନଙ୍ଗ ମୋହନ ଦ୍ୱିବେଦୀ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବରେ ଉଦଯାପନ୍ କରିଥିଲେ। କଟକ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା।

## ମା ବ୍ରାହ୍ମଣୀ ଦେବୀଙ୍କ ଯାତ୍ରା : ଶୁଭ ଖୁଣ୍ଟି ସ୍ଥାପିତ

ବେଲଗୁଣ୍ଠା (ଭିଓଭି): ଦୀର୍ଘ ଗୋଟିଏ ବର୍ଷର ଅନ୍ତରରେ ବାପ ଘର ବେଲଗୁଣ୍ଠା କୋଳିସାହିକୁ ଆସିବେ ବେଲଗୁଣ୍ଠାର ଆରାଧ୍ୟ ଗ୍ରାମ୍ୟ ଦେବୀ ମା ବ୍ରାହ୍ମଣ ଦେବୀ । ଏଥିନେଇ ପୂର୍ବରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବୁଧୁବାର ଦିନ କୋଳିସାହି ସାହି କମିଟି ତରଫରୁ ମାଙ୍କ ଆଗମନ ପୂର୍ବରୁ ଶୁଭଖୁଣ୍ଟି ବା ଶୁଭ ସ୍ତମ୍ଭ ସ୍ଥାପନ କରାଯାଇଛି ।ବୁଧୁବାର ଦିନ ପୂର୍ବାହ୍ନରେ ଏକ ନିରାଡମ୍ବର ଶୋଭାଯାତ୍ରାରେ ରୋଷଣୀ ,ବାଜା ବାଜଣା ସହିତ କୋଳି ସାହି ବାସିନ୍ଦା ଏବଂ ଗ୍ରାମବାସୀ କୋଳି ସାହିରୁ ବାହାରି ମାଁ ଙ୍କ ପୀଠରେ ପହଞ୍ଚି ଶୁଭ ଖୁଣ୍ଟି ଚୟନ ପରେ ପୂଜାର୍ଚ୍ଚନା କରାଯାଇ ଛେଦନ ପରେ ବାଜା ବାଜଣା ଓ ଶଙ୍ଖ ଧ୍ୱନିର ଏକ ଆଧ୍ୟାତ୍ମିକ ପରିବେଶରେ ମାଁଙ୍କ ପୀଠରୁ କୋଳି ସାହି ମାଙ୍କ ସମ୍ଭାବ୍ୟ ଅସ୍ଥାୟୀ ପୀଠକୁ ଅଣାଯାଇଥିଲା । ଅସ୍ଥାୟୀ ପୀଠ ନିକଟରେ ଅପରାହ୍ନ ପ୍ରାୟ ୫ଘଣ୍ଟ ସମୟରେ ସମସ୍ତ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । କରୋନା କଟକଣା ଯୋଗୁଁ ୨୦୨୧ ମସିହାରେ ମା ବ୍ରାହ୍ମଣ ଦେବୀ ନିଜ ବାପ ଘରକୁ ଆସି ପାରି ନ ଥିଲେ ଏବଂ ଆପତତଃ ମାଙ୍କ ଯାତ୍ରା ବନ୍ଦ ରହିଥିଲା । ପରବର୍ଷ ୨୦୨୩ରେ ମାଙ୍କ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷର ମାଙ୍କ ଆଗମନକୁ ନେଇ କୋଳିସାହି ବାସିନ୍ଦା ଓ ସହରବାସୀଙ୍କ ମଧ୍ୟରେ ଅଦମ୍ୟ ଉତ୍ସାହ ଓ ଉତ୍କଣ୍ଠା ବେଶ ରହିଥିବା ବୁଧୁବାର ଦିନ ଅନୁଷ୍ଠିତ ଶୁଭ ଖୁଣ୍ଟି ସ୍ଥାପନ ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା । ପରମ୍ପରା ଅନୁଯାୟୀ ପ୍ରତି ଗୋଟିଏ ବର୍ଷ ଅନ୍ତରରେ ମା ବ୍ରାହ୍ମଣ ଦେବୀ ଗ୍ରାମ ବାସୀଙ୍କ ଶୁଭ ମନାସି ନିଜ ବାପ ଘର କୋଳିସାହି ଦେଶୀ ବେହେରାଙ୍କ ଘରକୁ ବୁଲିବାକୁ ଆସିଥାନ୍ତି ଏବଂ ଗ୍ରାମବାସୀ ମାଙ୍କ ଅସ୍ଥାୟୀ ପୀଠରେ ମାଙ୍କୁ ପୂଜାର୍ଚ୍ଚନା ସହିତ ବୈଠକ ଯାତ୍ରା ସମ୍ପନ୍ନ କରିଥାନ୍ତି । ମା ସିଂହବାହିନୀ ବେଶରେ ନିର୍ଦ୍ଧାରିତ ଦିନରେ ନଗର ପରିକ୍ରମା କରିବା ପରମ୍ପରା ମଧ୍ୟ ରହିଛି। ଶୁଭ ଖୁଣ୍ଟି ଶୋଭାଯାତ୍ରାରେ ପଣ୍ଡିତ ଶ୍ୟାମ ସୁନ୍ଦର ପଣ୍ଡା , କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାତ୍ର,ଉପଦେଷ୍ଟା ବିଜୟ କୁମାର ସାମଲ, ମଦନ ମୋହନ ମାହୁନ୍ତ ଏବଂ ବହୁ ପୂର୍ବତନ କାଉନସିଲର,ବହୁ ସଙ୍ଗଠକ ଓ କୋଳି ସାହି କମିଟିର ସମସ୍ତ ସଭ୍ୟ ସାହି ବାସିନ୍ଦା ଓ ଗ୍ରାମବାସୀ ସାମିଲ ହୋଇଥିଲେ ।

# କ୍ୟାଟ୍ ବାର୍’ର ସମସ୍ତ ନିର୍ବାଚିତ ସଦସ୍ୟ ମାନଙ୍କ ଦାୟୀତ୍ୱ ଗ୍ରହଣ





କଟକ (ଭିଓଭି): ଓଡିଶା ଷ୍ଟେଟ ବାର କାଉନସିଲ୍ ସହ ଅନୁବନ୍ଧିତ ସମସ୍ତ ବାର ଆସୋସିଏସନର ୨୦୨୫-୨୬ ମସିହା ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇସାରିଛି। ସେହି କ୍ରମରେ ‘କ୍ୟାଟ୍ ବାର‘ ଆସୋସିଏସନ, କଟକ ବେଞ୍ଚ, କଟକର ସମସ୍ତ ପଦବୀ ପାଇଁ ଯଥାରୀତି ନିର୍ବାଚନ ପ୍ରକ୍ରିୟା ସରି ନିର୍ବାଚିତ ସଦସ୍ୟ ମାନଙ୍କ ତାଲିକା ପ୍ରକାଶ ପାଇ ସାରିଛି ବୋଲି ନିର୍ବାଚନ ଅଧିକାରୀ ଆଇନଜୀବୀ ଶ୍ରୀ ନିର୍ମଳ ରଞ୍ଜନ ରାଉତରାୟ ଏକ ନୋଟିସ ମାଧ୍ୟମରେ ଜଣାଇଛନ୍ତି। ନିକଟରେ କ୍ୟାଟ୍ ବାର ଆସସିଏସନ ପରିସରରେ ବାର’ ର ସମସ୍ତ ସଦସ୍ୟ ମାନଙ୍କ ଉପସ୍ଥିତିରେ ନବ ନିର୍ବାଚିତ ସଦସ୍ୟ ମାନଙ୍କର ଦାୟୀତ୍ୱ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାବରେ ଡ଼. ଚିତ୍ତରଞ୍ଜନ ମିଶ୍ର, ଉପସଭାପତି ଶ୍ରୀ ସୁଶାନ୍ତ କୁମାର ନାୟକ, ସମ୍ପାଦକ ଶ୍ରୀ କୈଳାସ ଚନ୍ଦ୍ର ଶତପଥୀ, ସହ-ସମ୍ପାଦକ ଶ୍ରୀ ଅର୍ପିତ ସିକଦାର, କୋଷାଧ୍ୟକ୍ଷ ଶ୍ରୀ ଛବିଳେନ୍ଦୁ ମହାନ୍ତ, ଓ ଏକମାତ୍ର କାର୍ଯ୍ୟନିର୍ବାହି ସରିଷଦ ସଭ୍ୟ ଶ୍ରୀ ବୈକୁଣ୍ଠ ନାଥ ତ୍ରିପାଠୀ ପ୍ରମୁଖ ଆଇନଜୀବୀମାନେ ଦାୟୀତ୍ୱ ଗ୍ରହଣ କରିଥିଲେ। ସମସ୍ତ ପୂର୍ବତନ ସଦସ୍ୟ ମାନେ ଦାୟୀତ୍ୱ ହସ୍ତାନ୍ତର ସହିତ ନବ ନିର୍ବାଚିତ କର୍ମକର୍ତ୍ତା ଓ ବାର’ ର ମଙ୍ଗଳ କାମନା କରିଥିଲେ।

# ‘ଇକୋ‘ କ୍ଲବ୍ ଦିବସ ପାଳନ ଅବସରରେ ବୃକ୍ଷରୋପଣ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ




ଜଟଣୀ (ଭିଓଭି): ଜଟଣୀ ସନ୍ନିକଟ ହରିରାଜପୁର ପଞ୍ଚାୟତ ଅନ୍ତର୍ଗତ ବଅଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ‘ଇକୋ‘କ୍ଲବ ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଏବଂ ଗଣିତ ଅଲମ୍ପିଆଡର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା କ୍ଷ ଏହି ଉତ୍ସବ ପରିପ୍ରେକ୍ଷୀରେ ବିଦ୍ୟାଳୟରେ ନିମନ୍ତ୍ରିତ ଅତିଥି ମାନଙ୍କୁ ସ୍ୱାଗତ ସଂଗୀତ ମାଧ୍ୟମରେ ଫୁଲ, ଚନ୍ଦନ ଦେଇ ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳାନିଧି ସାହୁ ଏବଂ ସହକାରୀ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ସ୍ୱାଗତ ଜଣାଇଥିଲେ କ୍ଷ ଛୋଟ ଛୋଟ ଶିଶୁମାନେ ସେମାନଙ୍କର ନୃତ୍ୟ, ଗୀତରେ ଉପସ୍ଥିତ ଅତିଥିମାନଙ୍କର ମନ ମୋହି ନେଇଥିଲେ କ୍ଷ ଜଟଣୀର ଜଣେ ଆନ୍ତର୍ଜାତିକ କବାଡି ଖେଳାଳୀ ତଥା ବିଶିଷ୍ଟ ସମାଜସେବୀ ଶ୍ରୀ ହେମନ୍ତ ସୁନ୍ଦରାୟ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସହ ନାଚ, ଗୀତ,ତଥା ସମାଜ ସେବା କ୍ଷେତ୍ରରେ ଜଣେ ଜଣେ ଦକ୍ଷ ନାଗରିକ ଭାବେ ଦେଶର ଟେକ ରଖିବା ପାଇଁ ଆଶା ପୋଷଣ କରିଥିଲେ କ୍ଷ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ବୃକ୍ଷ ରୋପଣ କ୍ଷେତ୍ରରେ ଗଛର ମହତ୍ୱ ବିଷୟରେ ସଚେତନତା ବାର୍ତ୍ତା ମାଧ୍ୟମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ କ୍ଷ ପୁରୀ ଜିଲ୍ଲା ନିମାପଡା- ଡ଼େଲାଙ୍ଗ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ସମାଜସେବୀ ମିଟୁ କୋଦମା ସିଂହ,ଓ୍ୱାର୍ଡ ମେମ୍ବର ରବୀନ୍ଦ୍ର ସେଠି, ସମାଜ ସେବୀ କେଦାର ମହାକୁଡ଼, ବଅଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଧକ୍ଷ ଇଭା ସେଠି, ସମାଜ ସେବୀ ଶରତ ଚମ୍ପତି ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ କ୍ଷ ଏହି ଉତ୍ସବରେ ଜଟଣୀର ‘ସୂର୍ଯ୍ୟପ୍ରଭା’ ସମ୍ବାଦ ଦାତା ଦେବବ୍ରତ ଦାଶ, ‘ବିଶ୍ୱବାଣୀ’ ସମ୍ବାଦ ଦାତା ନୀଳାମ୍ବର ମିଶ୍ର‘ ନିତିଦିନ ’ ସମ୍ବାଦ ଦାତା ରଙ୍ଗନାଥ ବେହେରା ଏବଂ ‘ବଡ ଖବର’ ସମ୍ବାଦ ଦାତା ବିଭୁତି ଭୂଷଣ ମହାନ୍ତି ପ୍ରମୁଖଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଉପସ୍ଥିତ ଅତିଥି ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇ ସର୍ବଶେଷରେ ଇକୋ କ୍ଲବ ଦିବସ ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପର୍ଜନପୁର ରେଳଷ୍ଟେସନ ରାସ୍ତା ଶୋଚନୀୟ



କେନ୍ଦୁଝର, : କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ କଣ୍ଡରାପଶି ଠାରୁ ପର୍ଜନପୁର ରେଳଷ୍ଟେସନକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ବଡବଡ ଖାଲଖମାରେ ପରିପୂର୍ଣ୍ଣ ହୋଇ ଥିବାରୁ ଲୋକେ ଯାତାୟାତ ରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନସାଧାରଣ ଖରାଦିନେ ଧୂଳିଧୂଆଁରେ ଅଣନିଶ୍ୱାସୀ ହେଉଥିବାବେଳେ ବର୍ଷାଦିନେ ପାଣିକାଦୁଅ ଭର୍ତ୍ତି ରାସ୍ତାରେ ଯମ ଯନ୍ତ୍ରଣା ଭୋଗୁଛନ୍ତି ।ରେଳ ଷ୍ଟେସନକୁ ଆସୁଥିବା ଯାତ୍ରୀ ସମେତ ଛୋଟ ଛୋଟ ପିଲାମାନେ ଅଙ୍ଗନବାଡି,ସ୍କୁଲ ଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ଗ୍ରାମବାସୀ ରାସ୍ତା ଦେଇ ଯିବାଆସିବା କଷ୍ଟକର ହୋଇପଡୁଛି ।ସ୍ଥାନୀୟ ଅଞ୍ଚଳରେ କାହାରି ଦେହ ଖରାପ କିମ୍ବା ଗର୍ଭବତୀ ମହିଳାଙ୍କୁ ମେଡିକାଲ ନେବାକୁ ୧୦୮ଆମ୍ବୁଲାନ୍ସ ଓ ଅଗ୍ନିବିପନ୍ନ ଦମକଳ ଗାଡି ସମସ୍ୟାରେ ପଡୁଛନ୍ତି ।ଦୁଇବର୍ଷ ପୂର୍ବେ ପର୍ଜନପୁର ରେଳଷ୍ଟେସନ ନିକଟରୁ ନଇଗାଁ ଗ୍ରାମ ପର୍ଯ୍ୟନ୍ତ ରେଳବାଇ ପକ୍ଷରୁ ରାସ୍ତାକୁ ପିଚୁକାମ କରାଯାଇଥିଲା। ତେବେ ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଏହି ରାସ୍ତା ୩ମାସ ନପୂରୁଣୁ ପିଚୁ ସମ୍ପୂର୍ଣ୍ଣ ଉଠିଯାଇଛି ।ଧୀରେ ଧୀରେ ରାସ୍ତାଟି ଅଧିକରୁ ଅଧିକ ବିପର୍ଯ୍ୟସ୍ତ ହୋଇପଡିଛି ।ରେଳବାଇ ପକ୍ଷରୁ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉନଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ କଣ୍ଡରାପଶି ଛକଠାରୁ ନଇଗାଁ ସ୍କୁଲ୍ ପର୍ଯ୍ୟନ୍ତ ସଂଯୋଗ ରାସ୍ତାର ଅବସ୍ଥା ସମାନ ।କଣ୍ଡରାପଶି ପଞ୍ଚାୟତ ମୁଖ୍ୟାଳୟ ଠାରୁ ପର୍ଜନପୁର ପଞ୍ଚାୟତ ମୁଖ୍ୟାଳୟକୁ ଏହି ରାସ୍ତା ସିଧାସଳଖ ଯୋଡୁଥିଲେ ହେଁ ଅବହେଳିତ ଅବସ୍ଥାରେ ରହିଛି ।ନିର୍ବାଚିତ ଜନପ୍ରତିନିଧି ମାନେ ଏହିରାସ୍ତା ପ୍ରତି ପ୍ରଶାସନ ନିକଟରେ ଦୃଷ୍ଟି ଆକର୍ଷଣ କରିବା ତ ଦୂରର କଥା ମାଟି ଓ ମୋରମ ମୁଠାଏ ବିଛାଇବା ପାଇଁ ପଦକ୍ଷେପ ନେଉନଥିବା ଅଭିଯୋଗ ହୋଇଛି ।ବର୍ଷ ବର୍ଷ ଧରି ରାସ୍ତାଟି ଉଜୁଡି ଯାଇଥିବାବେଳେ ଅଭିଯୋଗ ସତ୍ୱେ ଫଳଶୂନ।ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ଜଗଦଳା ନାଳ ଉପରେ ଏକ ପୋଲର ନିର୍ମାଣ କାର୍ଯ୍ୟ ପୂର୍ବ ସରକାରବେଳେ ଆରମ୍ଭ ହୋଇଥିବାବେଳେ ଏଯାବତ ତାହା କୌଣସି ଅଗ୍ରଗତି କରିପାରିନାହିଁ। ଦୀର୍ଘ ନଅ ଦଶମାସ ହେବ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ କାମ ବନ୍ଦ ରହିଛି ।ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷକରିବା ସହିତ ରାସ୍ତା ମରାମତି ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଅମ୍ବାଦଲା ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁନି ପିଇବା ପାଣି

ମୁନିଗୁଡା , (ଭିଓଭି): ଅବ୍ୟବସ୍ଥା ଘେରରେ ଅମ୍ବାଦଲା ସରକାରି ଏରିଆ ହସ୍ପିଟାଲ। ସ୍ୱାସ୍ଥ୍ୟ କେନ୍ଦ୍ରରେ ପିଇବା ପାଇଁ ପାଣି ନାହିଁ । ଏନେଇ ସମସ୍ତେ ଅବଗତ ଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉନାହିଁ, ଯାହାକୁ ନେଇ ରୋଗୀଙ୍କ ଠାରୁ ଆରମ୍ଭ କରି ମେଡିକାଲ କର୍ମଚାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଜଳ ଯୋଗାଣ ବିଭାଗ ଦ୍ୱାରା ଉକ୍ତ ମେଡିକାଲକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ପାନୀୟ ଜଳ ଠପ। ମେଡିକାଲକୁ ଆସିଥିବା ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ନଳକୂପରୁ ପାଣି ବୋହି ଆଣୁଥିବା ଦେଖିବାକୁ ମିଳିଛି। ପାନୀୟ ଜଳ ଯୋଗାଣ ଠପ୍ ଯୋଗୁଁ ରୋଗୀ ମାନଙ୍କୁ ଶୌଚାଳୟ ଯିବା କଷ୍ଟ। ଏନେଇ ସମସ୍ତେ ଅବଗତ ଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ । ଯାହାକୁ ନେଇ ଅଞ୍ଚଳ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ୯ ଗୋଟି ପଞ୍ଚାୟତ ତଥା ଆଖପାଖ କଳାହାଣ୍ଡି, କନ୍ଧମାଳ ରୁ ହଜାର ହଜାର ରୋଗୀ ଏହି ଡାକ୍ତରଖାନା ଉପରେ ନିର୍ଭର କରି ଆସୁଥିବା ବେଳେ ଦୀର୍ଘଦିନ ହେବ ପାନୀୟ ଜଳ ଯୋଗାଣ ବନ୍ଦ ହୋଇ ପଡ଼ିଛି। ସେବା ପାଇବାକୁ ଆସୁଥିବା ରୋଗୀ ଓ ସେବା ଯୋଗାଇ ଦେଇ ଆସୁଥିବା ମେଡିକାଲ କର୍ମଚାରୀ ଉଭୟ ପାନୀୟ ଜଳ ସମସ୍ୟା ଯୋଗୁଁ ହନ୍ତସନ୍ତ ହେଉଥିବା ବେଳେ ୫୦ ହଜାର ଜନ ସଂଖ୍ୟା ବିଶିଷ୍ଟ ଏରିଆ ହସ୍ପିଟାଲରେ ପିଇବା ପାଇଁ ପାଣି ବ୍ୟବସ୍ଥା ଆଉ କେତେ ସମୟ ଲାଗିବ ତାହା ସବୁଠୁ ବଡ଼ ପ୍ରଶ୍ନ ପାଲଟିଛି।

## ପାଇପ୍'ରେ ଆସୁଛି ଗୋଳିଆ ପାଣି : ଟାଙ୍ଗୀ ସରପାରି ଗ୍ରାମବାସୀ ହନ୍ତସନ୍ତ

ଟାଙ୍ଗୀ/ଚିଲିକା (ଭିଓଭି): ଗ୍ରୀଷ୍ମ ପ୍ରବାହ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବେଳକୁ ବେଳ ଜଳସ୍ତର କମିବାରେ ଲାଗିଛି । ଏଭଳି ପରିସ୍ଥିତିରେ ବିଭାଗ ପକ୍ଷରୁ ଯୋଗା ଯାଉଥିବା ପାଣି ଗୋଳିଆ ଓ ମଇଳା ହୋଇଥିବାରୁ ଅଧିବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଫଳରେ ପିଇବା ପାଣି ଟୋପେ ପାଇଁ ଚିନ୍ତା ବଢିଛି ।ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗୀ ବ୍ଲକ ଅଧିନସ୍ଥ ସରପାରି ଗ୍ରାମ ବାସୀଙ୍କ କ୍ଷେତ୍ରରେ ।ଗ୍ରାମରେ ୬ଶହ ପରିବାର ବାସ କରୁଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ସାଢ଼େ ୩ ହଜାରରୁ ଉର୍ଦ୍ଧ । ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଉକ୍ତ ଗ୍ରାମର ଗ୍ରାମ୍ୟ ଜଳ ଯୋଗାଣ ଓ



ପରିମଳ ବିଭାଗ ହରିଭକ୍ତପୁର ଓ ବାଁବିଲି ମୌଜାରେ ପୃଥକ ପୃଥକ ଭାବେ ୨ଟି ପ୍ରକଳ୍ପ ନିର୍ମାଣ ହୋଇଥିଲା ।ଏଥିପାଇଁ ବିଭାଗ ପକ୍ଷରୁ ପ୍ରାୟ ୧କୋଟିରୁ ଉର୍ଦ୍ଧ ଟଙ୍କା ଖର୍ଚ୍ଚ ହୋଇଥିଲା ।ଏବେ କିନ୍ତୁ ଏହା କାର୍ଯ୍ୟରେ ଲାଗୁନି ।ବେଳକୁ ବେଳ ଜଳ ସ୍ତର କମିବା ଯୋଗୁଁ ବୋରିଂରୁ ଗୋଳିଆ ଓ ମଇଳା ପାଣି ଲୋକଙ୍କୁ ଯୋଗାଇ ଦିଆଯାଉଛି ।କାଳେ କାଳେ ବିଭାଗ ପକ୍ଷରୁ ଟାଙ୍କି ସଫା ନହେବା ସହିତ ବୋରିଂ ପ୍ରତି ଦୃଷ୍ଟି ଦିଆଯାଉ ନଥିବାରୁ ଲୋକେ ଏବେ ବାଧ ହୋଇ ଏହି ଦୂଷିତ ଜଳ ପିଇବାକୁ ବାଧ୍ୟ ହେଉଛନ୍ତି । ପରିସ୍ଥିତି ଏବେ ଏଭଳିଯେ ବିଭାଗୀୟ ଅପାରଗତା ଯୋଗୁଁ ଏହି ପାଣି ପିଇବା ଦ୍ୱାରା ଆଗାମୀ ଦିନରେ ବିଭିନ୍ନ ଜଳ ବାହିତ ରୋଗର ଆକ୍ରମଣକୁ ଏଡାଇ ଦିଆଯାଇ ନପାରେ ।ଏସମ୍ପର୍କରେ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ଯେତେ ଅଭିଯୋଗ କଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ସମାଜସେବୀ ମୀନକେତନ ଦାସ ଅଭିଯୋଗ କରିଛନ୍ତି । ଏହି ପିଇବା ପାଣି ଟୋପେ ପାଇଁ ଲୋକେ ଏବେ ପଡୋଶୀଙ୍କ ବାଡ଼ି ପଛ ପାର୍ଶ୍ୱରେ ଥିବା ଖୋଲା କୂଅ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି ।

## ଅବ୍ୟବସ୍ଥା ଘେରରେ ସରକାରୀ ଆଶ୍ରମ ବିଦ୍ୟାଳୟ

# ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଥିବା ଏହି ବିଦ୍ୟାଳୟ ପ୍ରତି ପ୍ରଶାସନର ନିଘା ନାହିଁ



ବାଲିଗୁଡ଼ା, (ଭିଓଭି): ଅବ୍ୟବସ୍ଥା ଘେରରେ ସରକାରୀ ଆଶ୍ରମ ବିଦ୍ୟାଳୟ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀଙ୍କ ପାଇଁ ବିଦ୍ୟାଳୟରେ ନା ଅଛି ଆବଶ୍ୟକ ଅନୁଯାୟୀ ଶୌଚାଳୟ ନ ଅଛି ପାଣିର ସୁ ବ୍ୟବସ୍ଥା । ସେପଟେ ନାହିଁ ସୁରକ୍ଷିତ ଶ୍ରେଣୀ ଗୃହ, ପୁଣି ବିପଦ ସଂକୁଳ ଛାତ୍ରୀ ନିବାସରେ ରହୁଛନ୍ତି ଛାତ୍ରୀ। ଏ ହେଉଛି କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ କୋଟଗଡ଼ ବ୍ଲକ୍ ଅନ୍ତର୍ଗତ କନ୍ଧମାଳ-ରାୟଗଡ଼ା ଜିଲ୍ଲା ସିମାନ୍ତବର୍ତ୍ତି ଅଞ୍ଚଳ ଦୁର୍ଗାପଙ୍ଗା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ଷ ଏହି ବିଦ୍ୟାଳୟଟି ଜିଲ୍ଲା ମୁଖ୍ୟାଳୟ ରୁ ପ୍ରାୟ ୧୬୦ କିଲୋମିଟର ଦୂର ଏବଂ ବାଲିଗୁଡ଼ା ଉପଖଣ୍ଡରୁ ପ୍ରାୟ ୮୦ କିଲୋମିଟର ଦୂରରେ ଅବସ୍ଥିତ । ଏହି ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପ୍ରାୟ ଚାରିଶହ ଛାତ୍ରୀ ଛାତ୍ରୀ ନିବାସରେ ରହି ପାଠ ପଢୁଥିବା ବେଳେ ୧୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏଠି ଶିକ୍ଷାଦାନ କରୁଛନ୍ତି । ତେବେ ବିଦ୍ୟାଳୟ ପରିସରରେ ଥିବା ଛାତ୍ରୀ ନିବାସରେ ଛାତ୍ରୀଙ୍କ ଆବଶ୍ୟକ ଅନୁଯାୟୀ ଶୌଚାଳୟ ନଥିବା ଯୋଗୁଁ ଶୌଚ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ଛାତ୍ରୀ । ଅନ୍ୟପଟେ ବିଦ୍ୟାଳୟରେ ଚାରୋଟି ବୋର୍ ୱେଲ୍ ଅଛି କିନ୍ତୁ ସେଥିମଧ୍ୟରୁ କୌଣସି ଗୋଟିଏ ମଧ୍ୟ ସଚଳ ଅବସ୍ଥାରେ ନଥିବା ଜଣାପଡ଼ିଛି। ଫଳରେ ବିଦ୍ୟାଳୟ ପରିସରରେ ଥିବା ନଳକୂପରୁ ଛାତ୍ରୀମାନେ ବାଲଟିରେ ପାଣି ବୋହି ନେଉଥିବା ଦେଖିବାକୁ ମିଳିଛି । ଏବେ ଖରାଦିନ ଆସିଲାଣି ଆଉ ଅଳ୍ପ ଦିନରେ ନଳ କୂପରୁ ପାଣି ମଧ୍ୟ ଶୁଖିଯିବ । ଯାହାଫଳରେ ଆହୁରି ସମସ୍ୟା ବଢ଼ିବ ବୋଲି କହିଛନ୍ତି ଛାତ୍ରୀନିବାସ କର୍ମଚାରୀ । ସେପଟେ ଏତେ ସବୁ ସମସ୍ୟା ଭିତରେ ଛାତ୍ରୀ ନିବାସର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଝଡ଼ି ପଡୁଛି । ଅନେକ କୋଠରୀରେ ଖବାଟ ମଧ୍ୟ ନାହିଁ । କେତେବେଳେ ଯେ କିଛି ଅଘଟଣ ନଘଟିବ କିଛି କହିହେବ ନାହିଁ। ଆମେ ବହୁତ ଭୟରେ ବିପଦ ସଂକୁଳ ଅବସ୍ଥାରେ ଏଠି ରହୁଛୁ । ସରକାର ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ସମସ୍ୟାର ସମାଧାନ କଲେ ଆମେ ଉପକୃତ ହେବାସହ ଭଲରେ ପାଠ ପଢ଼ିପାରିବୁ ବୋଲି କହିଛନ୍ତି ଅନ୍ତେବାସୀ। ସରକାରୀ ନିୟମ ଅନୁଯାୟୀ ୫୦ ଜଣ ଛାତ୍ରୀଙ୍କୁ ଜଣେ ଲେଖାଏଁ ସିସିଏ(କୁକ୍ କମ୍ ଆଟେଣ୍ଡାଣ୍ଟ) ରହିବା କଥା। କିନ୍ତୁ ଦୁର୍ଗାପାଙ୍ଗା ସରକାରୀ ଆଶ୍ରମ ବିଦ୍ୟାଳୟରରେ ପ୍ରାୟ ଚାରିଶହ ଛାତ୍ରୀ ରହୁଥିବା ବେଳେ ଅଛନ୍ତି ମାତ୍ର ଚାରିଜଣ ସିସିଏ। ସେଥିମଧ୍ୟରୁ ଜଣେ ମୁଖ୍ୟ ଫାଟକରେ ଏବଂ ଆଉ ଜଣେ କାର୍ଯ୍ୟାଳୟରେ କାର୍ଯ୍ୟରତ। ଅନ୍ୟ ଦୁଇଜଣ ଚାରିଶହ ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାରେ କଷ୍ଟସାଧ ହୋଇ ପଡୁଛି ଏଣୁ ଆବଶ୍ୟକ ଅନୁଯାୟୀ ସିସିଏ ନିଯୁକ୍ତି କଲେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇପିରିବେ ବୋଲି କହିଛନ୍ତି କାର୍ଯ୍ୟରତ ସିସିଏ । ସେପଟେ ବିଦ୍ୟାଳୟ ଏଭଳି ସମସ୍ୟା ଦେଇ ଗତି କରୁଥିବାବେଳେ ପିଲାଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ ମଧ୍ୟ ବିଦ୍ୟାଳୟରେ ନାହିଁ । ଫଳରେ ଛାତ୍ରୀଙ୍କୁ ଶିକ୍ଷାଦାନରେ ମଧ୍ୟ ଅସୁବିଧା ହେଉଛି । ଏନେଇ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଅବଗତ କରାଇଥିଲେ ମଧ୍ୟ ଏଯାବତ୍ କୌଣସି ସୁଫଳ ମିଳିନଥିବା କହିଛନ୍ତି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ। ତେବେ ସିମାନ୍ତ ବର୍ତ୍ତୀ ଏହି ଆଶ୍ରମ ବିଦ୍ୟାଳୟ ପ୍ରତି ସରକାର, ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ କେବେ ଦୃଷ୍ଟି ପଡୁଛି ଏବଂ ଅନ୍ତେବାସୀଙ୍କ ସମସ୍ୟା କେବେ ଦୂର ହେଉଛି ତାହା ଦେଖିବାକୁ ବାକି ରହିଲା ।

# Earth's Wake-Up Call: Myanmar's Repeated Earthquakes and the Mysterious 1,200-Km Void



Nihar Ranjan Acharya

The Earth is restless, and the recent seismic events in Myanmar serve as a stark reminder of our planet's ever-evolving nature. A series of repeated earthquakes have rocked the region in recent months, raising concerns among geologists and citizens alike. Adding to this intrigue, reports of a massive 1,200-km void within the Earth's mantle have sparked scientific curiosity and speculation. Are these events connected? What do they reveal about the shifting landscapes beneath our feet?

**The Myanmar Earthquake: A Devastating Tremor**

On March 28, 2025, at 12:50 PM local time, a powerful 7.7 magnitude earthquake struck near Mandalay, Myanmar, causing widespread destruction. The epicenter was located 16 kilometers northwest of Sagaing city, at a depth of 10 kilometers. The tremors were felt as far away as Bangkok, Thailand, approximately 600 miles from the epicenter, where buildings swayed, and a 30-story building under construction collapsed, resulting in multiple casualties.

In Myanmar, the earthquake left at least 144 people dead and more than 700 injured, with the toll expected to rise as rescue operations continue. The Myanmar military government has declared a state of emergency, appealing for international assistance to manage the crisis.

Myanmar's Tectonic Alarm: Why So Many Earthquakes?

Myanmar, located along the highly active Alpide Belt, is no stranger to seismic activity. The region lies at the convergence of the Indian, Eurasian, and



Burma plates, making it one of the most seismically vulnerable zones on the planet. The recent earthquake is part of an ongoing pattern of frequent tremors, raising concerns about larger tectonic shifts.

Possible Causes of Repeated Earthquakes in Myanmar:

1. Tectonic Plate Movements – The Sagaing Fault, one of Myanmar's major geological fault lines, experiences continuous grinding and slipping of tectonic plates, leading to periodic earthquakes.

2. Subduction Zone Activity – The Indian Plate is gradually sinking beneath the Eurasian Plate, building stress that is eventually released in the form of earthquakes.

3. Climate Change Impact? – Some experts suggest that melting glaciers, rising sea levels, and changing groundwater patterns may be subtly influencing seismic activity.

The 1,200-Km-Wide Mystery: What Lies Beneath?

In a parallel and equally shocking discovery, scientists have identified a 1,200-km-wide void deep within the Earth's mantle. This isn't a surface-level hole like a sinkhole but rather a mysterious empty space within the lower mantle, a region crucial for tectonic stability.

Theories Behind the Massive Void:

1. Remnants of a Sinking Plate – Some geologists believe this void could be the remains of an ancient subducted oceanic plate, disintegrating as it descends deeper into the mantle.

2. Magma Movement? – The gap may indicate changes in magma flow, possibly linked to volcanic activity or even the formation of future earthquake hotspots.

3. Early Signs of a Super Plume?

– Some researchers speculate that this void could be an early indication of a rising mantle plume, which, in the distant future, might fuel supervolcanic eruptions.

Are the Myanmar Earthquakes and the 1,200-Km Void Connected?

While there is no conclusive evidence linking the two phenomena, both indicate major changes occurring within the Earth's interior. If the void is altering mantle convection patterns, it could be subtly affecting seismic activity in regions like Myanmar. Scientists are closely monitoring these developments to determine any potential correlations.

A Wake-Up Call for Preparedness

Myanmar's repeated earthquakes and the discovery of this vast underground void remind us that the Earth is constantly evolving. While science continues to unravel these mysteries, one fact remains clear—preparedness is the key to survival. Governments and communities must:

- Strengthen infrastructure to withstand seismic shocks.
- Invest in early warning systems to provide timely alerts.
- Encourage earthquake-resistant urban planning in vulnerable zones.
- Promote global scientific collaboration to understand geological shifts better.

As the Earth continues to shift and reveal its hidden secrets, humanity must listen, learn, and adapt—before the next big tremor strikes.

***Founder and Working Director, Trust***
***Ph. 8249775817***
*Email: niharacharya1973@gmail.com*



# Fraudulent Activities of PFA, Bhubaneswar Exposed
## Authorities Must Act Swiftly

Bhubaneswar(VOV): People For Animals (PFA) Bhubaneswar, along with its Secretary Mr. Jiban Ballav Das, has come under severe scrutiny following allegations of fraudulent and illegal activities. The agency has reportedly deducted over INR 10 lakhs from the salaries of Animal Helpline staff in Bhubaneswar between April 2023 and November 2024 under the pretext of donations under Section 80G of the Income Tax Act. However, forced salary deductions cannot be classified as voluntary donations, making this a clear case of extortion. Moreover, salary certificates have never been provided, raising suspicions of an intentional effort to conceal these unauthorized deductions. This raises serious concerns regarding the legality and transparency of the organization's financial practices.

The Animal Welfare Board of India (AWBI) had initiated a criminal case against PFA Bhubaneswar with the Central Bureau of Investigation (CBI), Anti-Corruption Branch (ACB), Chennai, on March 8, 2008. This case remains pending, and AWBI has not renewed PFA Bhubaneswar's recognition since August 11, 2006. Despite this, the agency is allegedly attempting to secure a new outsourcing tender using an invalid AWBI recognition certificate. These fraudulent activities appear to be continuing with the full support and knowledge of the Sub-Divisional Veterinary Officer (SDVO) Bhubaneswar and the Chief District Veterinary Officer (CDVO) Khordha.

Several First Information Reports (FIRs) have been lodged against Mr. Jiban Ballav Das, further exposing the organization's fraudulent dealings:

1. Case No. 113/ 29.05.2007 at Badagada Police Station and Case No. 142/ 29.05.2007 at Kharavel Nagar Police Station. These cases, initiated by the former Bhubaneswar Municipal Commissioner (now Hon'ble MP of Bhubaneswar Parliamentary Constituency, Mrs. Aparajita Sarangi) and the City Health Officer, involve fraudulent actions concerning government funds, including the forgery of sterilization certificates.
2. Case No. 105/2025 at Sahid Nagar Police Station under Section 420, related to unauthorized salary deductions from Animal Helpline staff.

The CDVO Khordha has extended the Memorandum of Understanding (MoU) for PFA Bhubaneswar for an additional two weeks. However, during this extension, the agency managed to provide only 40% of the required manpower, leading to a severely compromised animal helpline service.

Between February 25, 2025, and March 25, 2025, a total of 2,284 distress calls were recorded on the 1962 helpline, yet only 675 cases were attended to. Despite this inefficiency, the outsourcing agency has received another MOU extension until April 15, 2025. This decision is expected to further deteriorate the animal helpline services, resulting in the suffering and potential death of numerous stray animals due to a lack of timely medical intervention.

Animal helpline Staffs Bhubaneswar demand urgent intervention from the authorities against the fraudulent activities and operational failures of PFA Bhubaneswar. With pending CBI investigations, multiple FIRs, and evidence of illegal financial deductions, it is imperative that strict action is taken against those responsible. Moreover, the outsourcing contract must be reviewed to ensure that a competent and ethical organization is entrusted with the welfare of the city's stray animals.

The suffering of voiceless animals due to administrative negligence cannot be ignored. It is time for the concerned authorities to prioritize accountability and take necessary steps to rectify the situation before further damage is done.

- ⇨ Last month only 675 cases were attended out of total recorded 2284 nos of distress calls
- ⇨ Ongoing CBI case and AWBI recognition Issue
- ⇨ Several FIR lodged against the Secretary PFA
- ⇨ Poor Service Delivery Despite Of Govt. Support
- ⇨ Alarming statistics of animal neglect
- ⇨ Demand for immediate action by Animal helpline staff
- ⇨ Need for ethical oversight in Animal welfare

# ୨୫ ହଜାର ଶିକ୍ଷକଙ୍କ ନିଯୁକ୍ତି ରଦ୍ଦ, ମମତାଙ୍କୁ ସୁପ୍ରିମ୍‌କୋର୍ଟରେ ବଡ଼ ଝଟକା

ନୂଆଦିଲ୍ଲୀ (ଭିଓଭି): ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାରକୁ ବଡ଼ ଝଟକା ଦେଇ ଆଜି ସୁପ୍ରିମ୍‌କୋର୍ଟ ରାଜ୍ୟ ସ୍କୁଲ ସେବା ଆୟୋଗ ଅଧୀନରେ ନିଯୁକ୍ତି ପାଇଥିବା ୨୫ ହଜାରରୁ ଅଧିକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ନିଯୁକ୍ତି ରଦ୍ଦ କରିଛନ୍ତି। ଏହି ନିଯୁକ୍ତିକୁ ବେଆଇନ ବୋଲି ରାୟ ଦେଇଥିବା କଲିକତା ହାଇକୋର୍ଟଙ୍କ ଆଦେଶକୁ ସର୍ବୋଚ୍ଚ ଅଦାଲତ ବଜାୟ ରଖିଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ସମଗ୍ର ଚୟନ ପ୍ରକ୍ରିୟା ଦୁର୍ନୀତି ଓ ଜାଲିଆତି ଦ୍ୱାରା କଳୁଷିତ ହୋଇଛି ଏବଂ ଏହାର ବିଶ୍ୱସନୀୟତା ନଷ୍ଟ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ପିଭି ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ। ଏହି ନିଯୁକ୍ତି ଠକେଇ ମାଧ୍ୟମରେ ହୋଇଛି ଏବଂ ସବୁକିଛି ଜାଲିଆତି ମାଧ୍ୟମରେ ସଂପାଦିତ ହୋଇଥିବା ପ୍ରମାଣିତ ହୋଇସାରିଛି ବୋଲି କୋର୍ଟ କହିଛନ୍ତି। ଆମ ମତରେ ଏହା ଏପରି ଏକ ମାମଲା ଯେଉଁଥିରେ ସମଗ୍ର ଚୟନ ପ୍ରକ୍ରିୟାକୁ କଳଙ୍କିତ କରାଯାଇଛି। ବ୍ୟାପକ



ସ୍ତରରେ ଠକେଇ ଓ କେଲେଙ୍କାରୀ ଯୋଗୁଁ ଏଭଳି ନିଯୁକ୍ତି ପ୍ରକ୍ରିୟାକୁ କାଏମ ରଖିହେବ ନାହିଁ ବୋଲି କୋର୍ଟ କହିଛନ୍ତି। ଅଦାଲତ କହିଛନ୍ତି ଯେ ଯେଉଁ ପ୍ରାର୍ଥୀମାନେ ନିର୍ଦ୍ଦିଷ୍ଟ ଭାବରେ ଜାଲିଆତିରେ ସଂପକ୍ତ ବୋଲି ସାବ୍ୟସ୍ତ ହୋଇନାହାନ୍ତି ସେମାନଙ୍କୁ ବର୍ଷ ବର୍ଷ ଧରି ପାଇଥିବା ଦରମା ଫେରସ୍ତ କରିବାକୁ ପଡିବ ନାହିଁ। ତେବେ ସେମାନଙ୍କ ଚାକିରି ବନ୍ଦ ରହିବ। କେବଳ ସେତିକି ନୁହେଁ, ସମଗ୍ର ପରୀକ୍ଷା ପ୍ରକ୍ରିୟା ଓ ଫଳ ବାତିଲ ଘୋଷଣା କରାଯିବାକୁ କୋର୍ଟ କହିଛନ୍ତି। ଯୋଗ୍ୟ ପ୍ରାର୍ଥୀଙ୍କ କ୍ଷେତ୍ରରେ ଘୋର ଅନ୍ୟାୟ କରି ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ହଟଚମଟ ହୋଇଥିବାରୁ ହାଇକୋର୍ଟ ଏହାକୁ ରଦ୍ଦ କରିବାକୁ ରାୟ ଦେବା ଯୁକ୍ତିଯୁକ୍ତ ବୋଲି ସୁପ୍ରିମ୍‌କୋର୍ଟ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ୨୦୧୬ରେ ରାଜ୍ୟସ୍ତରୀୟ ଚୟନ ପରୀକ୍ଷାରେ ୨୩ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ଖାଲି ପଡ଼ିଥିବା ପଦବୀ ସଂଖ୍ୟା ୨୪,୬୪୦ ଥିବା ବେଳେ ୨୫,୭୫୩ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଟଙ୍କା ବଦଳରେ ନିଯୁକ୍ତି ଦେବାପାଇଁ ଏକ ବିଶାଳ ରାକେଟ୍ ଏଥିପାଇଁ କାମ କରୁଥିବା ଜଣାପଡ଼ିବା ପରେ ଖୋଳତାଡ଼ ହୋଇଥିଲା।

# ବାଣ ଫୁଟାଇଲେ ବାୟୁମଣ୍ଡଳ ଶୁଦ୍ଧ ହୁଏ : ଆବେଦନକାରୀଙ୍କ ଯୁକ୍ତିରେ ସୁପ୍ରିମ୍‌କୋର୍ଟ ଆଶ୍ଚର୍ଯ୍ୟ

ନୂଆଦିଲ୍ଲୀ (ଭିଓଭି): ଦିଲ୍ଲୀ-ଏନସିଆରରେ ବର୍ଷସାରା ବାଣ ବ୍ୟବହାର ଉପରେ ନିଷେଧ ଲଗାଇବା ପାଇଁ ସୁପ୍ରିମକୋର୍ଟ ତାଙ୍କ ଆଦେଶକୁ ପରିବର୍ତ୍ତନ କରିବାକୁ ମନା କରିଦେଇଛନ୍ତି। ଆତସବାଜି ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ କହିଥିଲେ ଯେ ସେମାନେ ଦୀପାବଳିର ପାଖାପାଖି ମାସଗୁଡ଼ିକରେ ନିଷେଧ ଉଠାଇବାକୁ କହୁନାହାଁନ୍ତି କିନ୍ତୁ ବିଚାରପତିମାନେ କହିଥିଲେ ଯେ ଯଦି ବାକି ସମୟରେ ଆତସବାଜି ବିକ୍ରି କରିବାକୁ ଅନୁମତି ଦିଆଯାଏତେବେ ଲୋକମାନେ ସେଗୁଡ଼ିକୁ ମହଜୁଦ ରଖିବେ।ବାଣ କମ୍ପାନୀଗୁଡ଼ିକ ପକ୍ଷରୁ ଏହା ମଧ୍ୟ କୁହାଯାଇଥିଲା ଯେ ସେମାନେ ଗୁଣବତ୍ତା ଉନ୍ନତ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି। ପୁରୁଣା କ୍ରାକର ତୁଳନାରେ ସବୁଜ କ୍ରାକର ପ୍ରତିଶତ କମ୍ ପ୍ରଦୂଷଣ ସୃଷ୍ଟି କରେକିନ୍ତୁ ବିଚାରପତି ଅଭୟ ଏସ୍ ଓକା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଏହି ଯୁକ୍ତିରେ ବିଶ୍ୱାସ କରିପାରି ନଥିଲେ। ସେ କହିଥିଲେ ଯେ ଯେତେବେଳେ କମ୍ପାନୀଗୁଡ଼ିକ ଅଧିକ ଗବେଷଣା କରନ୍ତି। ଯେତେବେଳେ ସେମାନେ ବାଣ ଦ୍ୱାରା ହେଉଥିବା ପ୍ରଦୂଷଣକୁ ସର୍ବନିମ୍ନ ସ୍ତରକୁ ହ୍ରାସ କରିବାରେ ସଫଳ ହୁଅନ୍ତିସେତେବେଳେ ଯାଇ ଏକ ଆବେଦନ ଦାଖଲ କରନ୍ତୁ। ଗୁରୁବାରସୁପ୍ରିମକୋର୍ଟ ମୁକେଶ ଜୈନ ନାମକ ଜଣେ ବ୍ୟକ୍ତିଙ୍କ ଯୁକ୍ତି ମଧ୍ୟ ଶୁଣିଥିଲେ। ଆଇଆଇଟିରେ ପଢ଼ିବା ପରେ ପ୍ରଦୂଷଣ ପ୍ରସଙ୍ଗରେ ବିଶେଷଜ୍ଞ ବୋଲି ଦାବି କରୁଥିବା ଏହି ଆବେଦନକାରୀଙ୍କ ଯୁକ୍ତିରେ ବିଚାରପତି ଆଶ୍ଚର୍ଯ୍ୟ ହୋଇଗଲେ। ଜୈନ ଦାବି କରିଥିଲେ ଯେ ବାଣ ବାୟୁକୁ ଶୁଦ୍ଧ କରିବାରେ ସହାୟକ ହୋଇଥାଏ। ସେ ଘରେ ଜଳୁଥିବା ଧୂପକାଠି ସହିତ ମଧ୍ୟ ଆତସବାଜିର ତୁଳନା କରିଥିଲେ।


## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

## CONTACT

6371417361 voiceofvictimsnews@gmail.com

www.voiceofvictims.co.in

Follow/Like/Subscribe : Voice Of Victims News


Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର